ଧରିତ୍ରୀ
DHARITRI
February 6-12, 2022 ₹ 2/-

ଝିଟିପିଟ



# ଓଡ଼ିଶାରେ ସେଓ

୩
ପ୍ରଚ୍ଛଦ ପ୍ରସଙ୍ଗ

ଫଳ ମଧ୍ୟରେ ସେଓର ସ୍ଥାନ ସ୍ୱତନ୍ତ୍ର। ରୋଗୀ ହୁଅନ୍ତୁ ବା ଭୋଗୀ ସମସ୍ତଙ୍କ ପାଇଁ ଖୋଜା ପଡ଼େ ସେଓ। ତେବେ ଦିନ ଥିଲା ଭାରତର ନିର୍ଦ୍ଦିଷ୍ଟ କେତେକ ଅଞ୍ଚଳରେ ଏହି ଚାଷ କରାଯାଉଥିବାବେଳେ ଏବେ ଉନ୍ନତ ଚାଷପ୍ରଣାଳୀ ମାଧ୍ୟମରେ ପ୍ରାୟ ସବୁ ଅଞ୍ଚଳରେ ସେଓ ଚାଷ କରାଯାଉଛି। ଯେଉଁଥିରୁ ବାଦ୍ ପଡ଼ିନି ଓଡ଼ିଶା...

ଲାଇଫ୍ ଷ୍ଟାଇଲ
୪





୧୧

## କରଜରୁ ମୁକ୍ତି ପାଇବାକୁ ଚାହୁଁଥିଲେ

ବେଳେ ବେଳେ ଅସୁବିଧାରେ ପଡିଲେ, ମଣିଷ କରଜ କରିବାକୁ ବାଧ ହୋଇଥାଏ। କିନ୍ତୁ ଏହି କରଜକୁ ଠିକ୍ ସମୟରେ ସୁଝିଦେଲେ ମନକୁ ଖୁବ୍ ଶାନ୍ତି ମିଳେ। ଆଉ ଯଦି ଠିକ୍ ସମୟରେ ସୁଝା ନଯାଏ, ତା'ହେଲେ ତାହା ବୋଝ ଭଳି ଲାଗିଥାଏ। ହେଲେ ଜାଣନ୍ତି କି, ଏମିତି ବି କିଛି କାର୍ଯ୍ୟ ଅଛି ଯାହାକୁ କଲେ କରଜରୁ ଶୀଘ୍ର ମୁକ୍ତି ପାଇବାର ବାଟ ଖୋଲିଯାଇଥାଏ। ଯେମିତିକି:



* ବାସ୍ତୁଶାସ୍ତ୍ର ଅନୁଯାୟୀ, ପକ୍ଷୀମାନଙ୍କୁ ଖାଇବାକୁ ଦେଲେ ଜୀବନରେ ସେହି ସବୁ ସୁଖ ମିଳିଥାଏ, ଯାହାକୁ କେବେ ବି କେହି କଳ୍ପନା କରି ନଥିବେ। ତେଣୁ ପ୍ରତିଦିନ ହେଉ ଅବା ମଙ୍ଗଳବାର ଓ ଶନିବାର ଦିନ ପକ୍ଷୀମାନଙ୍କୁ କିଛି ଦାନା ଖାଇବାକୁ ଦିଅନ୍ତୁ। ଫଳରେ ଖୁବ୍ ଶୀଘ୍ର ଏହାର ସୁପ୍ରଭାବ ଆପଣ ନିଜେ ଅନୁଭବ କରିପାରିବେ।

* ଜନ୍ଦା, ପିମ୍ପୁଡିଙ୍କୁ ତାଙ୍କର ପସନ୍ଦ ମୁତାବକ ଖାଇବାକୁ ଯୋଗାଇ ଦେଲେ ଜୀବନରେ କୁଆଡ଼େ ଖୁସି ଭରିଯାଇଥାଏ। ତେଣୁ ଏହି ଉପାୟଟିକୁ କରିଚାଲନ୍ତୁ ଦେଖିବେ ଜୀବନରେ ସୁଖଶାନ୍ତି ଭରିଯିବା ସହ ଶୀଘ୍ର କରଜରୁ ମୁକ୍ତି ମିଳିଯିବ।

* ମାଙ୍କଡ଼ଙ୍କୁ ମଙ୍ଗଳବାର ଦିନ ଯଦି ମିଠା, କଦଳୀ ଅବା ବୁଟ ଖାଇବାକୁ ଦିଆଯାଏ, ତା'ହେଲେ ପ୍ରଭୁ ହନୁମାନ କୁଆଡ଼େ ପ୍ରସନ୍ନ ହୋଇଥାନ୍ତି। ଯଦ୍ଵାରା ତାଙ୍କ ଆର୍ଶୀବାଦରୁ ଶୀଘ୍ର କରଜ ସୁଝିବାକୁ ଆମକୁ ଉପାୟ ମିଳିଥାଏ।

* କୁକୁରଙ୍କୁ ମିଠା ବିସ୍କୁଟ୍ ଖାଇବାକୁ ଦେଲେ କରଜରୁ ମୁକ୍ତି ମିଳିବା ସହ ଘରୁ ନକରାତ୍ମକ ଉର୍ଜ୍ଜା ଦୂର ହୋଇଥାଏ ବୋଲି ବାସ୍ତୁବିତ୍‌ମାନେ ମତ ଦେଇଥାନ୍ତି।

* ଗାଈଙ୍କୁ ଗୋମାତା ଭାବେ ପୂଜା କରାଯାଏ। ତେଣୁ ଘରେ ପ୍ରସ୍ତୁତ ହେଉଥିବା ଖାଦ୍ୟରୁ କିଛି ପ୍ରଥମେ ଗାଈଙ୍କୁ ଖାଇବାକୁ ଦେଲେ କରଜରୁ ଶୀଘ୍ର ମୁକ୍ତି ମିଳିଥାଏ।

## ଏ ସପ୍ତାହର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର

ଫେବୃଆରୀ ୭-୧୨

### ମେଷ



ସ୍ୱାସ୍ଥ୍ୟ ସମସ୍ୟା ନିୟନ୍ତ୍ରଣାଧୀନ ରହିବ, କର୍ମକ୍ଷେତ୍ରରେ ସୁନାମ ଅର୍ଜନ କରିବେ, ରାଜନୀତିରେ ପ୍ରତିଦ୍ୱନ୍ଦ୍ୱିତାର ସମ୍ମୁଖୀନ ହେବେ, ସମ୍ପର୍କୀୟମାନଙ୍କ ସହ ମିତ୍ରତା ବୃଦ୍ଧି ହେବ, ଦୂରଯାତ୍ରା ସଫଳ ହେବ।

### ବୃଷ



ଦୂରଦର୍ଶିତାରୁ ପ୍ରଶଂସିତ ହେବେ, ଆଲୋଚନା ଫଳପ୍ରଦ ହେବ, କାମ ବାଧାପ୍ରାପ୍ତ ହେବ ନାହିଁ, ମାଙ୍ଗଳିକ କାମ ସକାଶେ ବ୍ୟସ୍ତ ରହିବେ, ଘର ସାଜସଜ୍ଜା କରିପାରନ୍ତି, ବନ୍ଧୁ ସାହାଯ୍ୟ ମିଳିବ, ଆଇନ ସହାୟତା ପାଇବେ।

### ମିଥୁନ



କାର୍ଯ୍ୟବ୍ୟସ୍ତତା ବଢିବ, ଅନିଦ୍ରା ହେତୁକ ସ୍ୱାସ୍ଥ୍ୟହାନି, ଆର୍ଥିକସ୍ଥିତିରେ ଉନ୍ନତି ଘଟିବ, ପାରିପାର୍ଶ୍ୱିକ ପରିସ୍ଥିତି ମନ୍ଦ ହେବନି, ଦୈହିକ ଦୁର୍ବଳତା ଆସିପାରେ, କର୍ମକ୍ଷେତ୍ର ମନ୍ଥର ରହିବ, ପାରିବାରିକ ସମସ୍ୟା ବଢ଼ିବ।

### କର୍କଟ



ଅସୁସ୍ଥତାରୁ କାର୍ଯ୍ୟହାନି, ବନ୍ଧୁ ସହଯୋଗ କରିବେ, ଯୋଜନା ବଦଳିଯିବ, ସୌଖୀନ ପଦାର୍ଥ ଆଣିପାରନ୍ତି। ଅର୍ଥ ସମସ୍ୟା ସୁଧୁରିବ, ଯାନବାହନରେ ତ୍ରୁଟି, ନିର୍ମାଣ କାମରେ ଦ୍ୱନ୍ଦ୍ୱ, ମାଙ୍ଗଳିକ କାର୍ଯ୍ୟରେ ବାଧା, ବ୍ୟବସାୟିକ ସ୍ଥିତି ଭଲ ରହିବ।

### ସିଂହ



ଧନସମ୍ମାନ ଲାଭ ଯୋଗ ରହିଛି, ନୂତନବନ୍ଧୁତ୍ୱ ହୋଇପାରେ, ବକେୟା ପାଇପାରନ୍ତି, ଭ୍ରାତୃସମ୍ପର୍କରେ ଉନ୍ନତି, କର୍ମକ୍ଷେତ୍ରରେ ବିବାଦ, ମକଦ୍ଦମାରେ ବିଜୟ, ପ୍ରଶାସନିକ ସ୍ତରରେ ସଫଳତା, କଳା, ସାହିତ୍ୟରେ ସୁଫଳ, ପୂର୍ବଶତ୍ରୁତାରୁ କଳହ।

### କନ୍ୟା



ଦ୍ୱନ୍ଦ୍ୱରେ ପଡ଼ିବେ, ଠିକ୍ ନିଷ୍ପତ୍ତି ନେଇପାରିବେନି, ମନ ଆନ୍ଦୋଳିତ ହୋଇପାରେ, ଦୁଃସାହସିକ ପଦକ୍ଷେପ ନେବେ, ଧର୍ମାନୁଷ୍ଠାନରେ ସହଯୋଗ, ସାଂଗଠନିକ ସଫଳତା ମିଳିବ, ବସ୍ତ୍ରାଳଙ୍କାର ପ୍ରାପ୍ତି।

### ତୁଳା



ସବୁ କାମ ଡେରିରେ ହେବ, ନିଜ ଲୋକମାନେ ଦୂରେଇଯିବେ, ଅର୍ଥ ଲାଭରୁ ଖୁସି ରହିବେ, ପରିସ୍ଥିତି ବଦଳି ଯାଇପାରେ, ଘର ସାଜସଜ୍ଜା କରିପାରନ୍ତି, ପାରିବାରିକ ଶାନ୍ତି ଫେରିବ, କାମଟି ବାଧାପ୍ରାପ୍ତ ହେବ, ଅସଂଯମତାରୁ କଳହ, ଭୁଲ୍ କାମରୁ ଅନୁତାପ।

### ବିଛା



ମାନସିକ ଦ୍ୱନ୍ଦ୍ୱ ଉପୁଜିବ, ଦୁର୍ଭାବନାରେ ବିଚଳିତ ରହିବେ, ପ୍ରଶାସନିକ ଅସ୍ଥିରତା ଆସିପାରେ, କଚେରି ମାମଲାରୁ ଦୁଶ୍ଚିନ୍ତା, ପଦସ୍ଥ ବ୍ୟକ୍ତିଙ୍କ ସାନ୍ନିଧ୍ୟ, ଆତ୍ମୀୟମାନଙ୍କ ସାହାଯ୍ୟ, କଳାରୁ ସମ୍ମାନ, ପ୍ରକାଶନରେ ବିଳମ୍ବ।

### ଧନୁ



ସମସ୍ୟା ବୃଦ୍ଧି ପାଇବ, ଖର୍ଚ୍ଚ ପରିମାଣ ବଢ଼ିବ, ମାନସିକ ସ୍ଥିତି ବିଗିଡ଼ିବ, ପରିସ୍ଥିତି ଅସଜଡ଼ା ରହିବ, ବନ୍ଧୁ ସମ୍ପର୍କ କମିଯିବ, ବୃତ୍ତି ବାଧାପ୍ରାପ୍ତ ହେବ, ବାଣିଜ୍ୟରେ ପ୍ରତିବନ୍ଧକ ଆସିବ, ମନୋରଞ୍ଜନର ସୁଯୋଗ ମିଳିବ, ପାରିବାରିକ ଦ୍ୱନ୍ଦ୍ୱର ଅବସାନ ଘଟିବ।

### ମକର



ଶୁଭ ଖବର ପାଇବେ, ସ୍ୱାସ୍ଥ୍ୟରେ ଉନ୍ନତି ଘଟିବ, ବିବାଦରେ ପଶନ୍ତୁନି, ବନ୍ଧୁ ସମ୍ପର୍କରେ ଅବନତି, ଆର୍ଥିକ ଅନଟନ ରହିବ, ପାରିବାରିକ ସ୍ଥିରତା ଫେରିବ, ପଦସ୍ଥ ବ୍ୟକ୍ତିଙ୍କ ସାନ୍ନିଧ୍ୟ ପାଇବେ, ଶିକ୍ଷାରେ ଉନ୍ନତି, ଗବେଷଣାରୁ ପ୍ରଶଂସା।

### କୁମ୍ଭ



କର୍ମକ୍ଷେତ୍ରରେ ଦକ୍ଷତାବୃଦ୍ଧି, ପାରିବାରିକ ଶାନ୍ତି, ଯାନ ବାହନରେ ଉନ୍ନତି, ନୂତନବନ୍ଧୁ ସମ୍ପର୍କ, ସ୍ତ୍ରୀଙ୍କ ସୁପରାମର୍ଶ, ବ୍ୟବସାୟିକ ଉନ୍ନତି, ଯାତ୍ରାରେ ଲକ୍ଷ୍ୟପୂରଣ ହେବ, କେତେକ କ୍ଷେତ୍ରରେ ଅନ୍ୟମାନଙ୍କ ସକାଶେ ଭଲ କରିବାକୁ ଯାଇ ଅପଦସ୍ଥ ହେବେ।

### ମୀନ



କର୍ମକ୍ଷେତ୍ରରେ ବିବାଦ, ଶାରୀରିକ ଅସୁସ୍ଥତା, ବନ୍ଧୁଙ୍କ ସହାୟତା, ସହକର୍ମୀଙ୍କ ଉଦାରତା, ନିର୍ମାଣରେ ପ୍ରତିବନ୍ଧକ, ଭ୍ରମଣର ସୁଯୋଗ ପାଇବେ, ପ୍ରକଳ୍ପକାର୍ଯ୍ୟର ସମାପ୍ତି, ମୂଲ୍ୟବାନ ଦ୍ରବ୍ୟ କ୍ରୟ, ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେବେ।

## ଲବଙ୍ଗର ଉପକାରିତା

ଲବଙ୍ଗର ବ୍ୟବହାର ମଧ୍ୟ ଶରୀର ପାଇଁ ବହୁତ ଉପକାରୀ ହୋଇଥାଏ। କାରଣ ଏଥିରେ ରହିଥାଏ ପ୍ରୋଟିନ୍, କାର୍ବୋହାଇଡ୍ରେଟ୍ସ, ଫାଇବର୍, ପୋଟାସିୟମ୍, ବେଟା କାରୋଟିନ୍ ଭଳି ବହୁ ଗୁଣକାରୀ ଉପାଦାନ। ତା'ଛଡ଼ା ଏଥିରେ ଥିବା ଆଣ୍ଟିସେପ୍ଟିକ୍ ଗୁଣ ପାଇଁ ଆମକୁ ଦାନ୍ତ ଜନିତ ବିଭିନ୍ନ ସମସ୍ୟାରୁ ବି ଅନେକାଂଶରେ ମୁକ୍ତି ମିଳିଥାଏ। ଯେମିତିକି: ଯଦି ପ୍ରତିଦିନ ସକାଳେ ଗୋଟିଏ ଲେଖାଏଁ ଲବଙ୍ଗ ଖିଆଯାଏ, ତା'ହେଲେ ପାଟି ଦୁର୍ଗନ୍ଧ ସମସ୍ୟା ଧୀରେ ଧୀରେ ଦୂରେଇଯାଏ। ଦାନ୍ତ ଦରଜ ହେଉଥିଲେ ଦାନ୍ତ ମୂଳରେ ଲବଙ୍ଗ ତେଲ ଲଗାଇଲେ କିମ୍ବା ଗୋଟା ଲବଙ୍ଗକୁ ଦାନ୍ତରେ ଧୀରେ ଧୀରେ ଚୋବାଇଲେ ଦରଜ ପ୍ରାୟ କମିଯାଇଥାଏ ବୋଲି ବିଶ୍ୱାସ କରାଯାଏ। ଲବଙ୍ଗ ଖାଇଲେ କେବଳ ଯେ ଦାନ୍ତ ଜନିତ ସମସ୍ୟାରୁ ମୁକ୍ତି ମିଳିଥାଏ ତାହା ନୁହେଁ ଥଣ୍ଡା ଏବଂ ତଣ୍ଟି ଦରଜ କମାଇବାରେ ବି ଏହା ବେଶ୍ ସହାୟକ ହୋଇଥାଏ। ସେହିପରି କୁହାଯାଏ, ସକାଳେ ଖାଲି ପେଟରେ ଅଧ ଗ୍ଲାସ୍



ପାଣିରେ ଗୋଟିଏ ବୁନ୍ଦା ଲବଙ୍ଗ ତେଲ ମିଶାଇ ପିଇଲେ ଗ୍ୟାସ୍ ଜନିତ ସମସ୍ୟାରୁ ମଧ୍ୟ ଅନେକ ସୁଫଳ ମିଳିଥାଏ। ଅନ୍ୟପକ୍ଷେ ଆଣ୍ଠୁଗଣ୍ଠି ଦରଜ ହେଉଥିଲେ, ସେହି ସ୍ଥାନରେ ଲବଙ୍ଗ ତେଲ ଘସିଲେ ମଧ୍ୟ ବହୁ ଆରାମ ଲାଗେ। ଏସବୁ ବ୍ୟତିତ ମଶା କାମୁଡ଼ାରୁ ମୁକ୍ତି ପାଇବା ପାଇଁ ବି ଅନେକେ ଲବଙ୍ଗ ତେଲକୁ ବ୍ୟବହାର କରୁଥିବା ଦେଖିବାକୁ ମିଳିଥାଏ।

## ପାଠକୀୟ

*ସାଧାରଣରେ ଏକ ଧାରଣା ଥାଏ ଯେ, ସରକାରୀ ବାବୁଭାୟାମାନେ ଲୋକଙ୍କ ଦୁଃଖସୁଖରେ ନଜର ଦେଇ ନଥାନ୍ତି। କିନ୍ତୁ ଏହାକୁ ଭୁଲ୍ ପ୍ରମାଣିତ କରି ଦେଇଛନ୍ତି କିଛି ଉଚ୍ଚପଦସ୍ଥ କର୍ମଚାରୀ ଆଉ ଦେଖାଇଦେଇଛନ୍ତି ମାନବିକତା ସବୁଠୁ ଉପରେ। ତେଣୁ ଏଭଳି ଏକ ପ୍ରେରଣାଦାୟୀ ବିଷୟକୁ ନେଇ ଉପସ୍ଥାପନା ହୋଇଥିବା ପ୍ରଚ୍ଛଦ ପ୍ରସଙ୍ଗ 'ପଦବୀଠୁ ବଡ଼ ମାନବିକତା' ଏକ ସୁନ୍ଦର ଆଲେଖ୍ୟ ଥିଲା। 'ସୁଖ ସମୃଦ୍ଧି ପାଇଁ ବାସ୍ତୁ', 'କନ୍ଦମୂଳର ଉପକାରିତା' ନାମକ ପାଠଦୁଇଟିରୁ ଅନେକ ଅଜଣା କଥା ଶିଖିହେଲା।

**–ରାକେଶ ପ୍ରଧାନ, ବଡାମ୍ବିଳା, ଆଳି**

*କୁହାଯାଏ ବିପଦର ବନ୍ଧୁ ହିଁ ପ୍ରକୃତବନ୍ଧୁ। ସେ ବନ୍ଧୁ କିଏ ବି ହୋଇପାରନ୍ତି। ଏଇ ଯେମିତି ସରକାରୀସ୍ତରୀୟ ବିଭିନ୍ନ ପଦପଦବୀରେ ରହି ମଧ୍ୟ ଗରିବ ଅସହାୟ ଲୋକଙ୍କୁ ସାହାଯ୍ୟ କରିବାକୁ ଆଗେଇ ଆସି କିଛି ଲୋକ ନିଜର ମହତ୍ ମାନବିକତାର ପରିଚୟ ଦେଇଛନ୍ତି। ତେଣୁ ସେହିଭଳି କିଛି ମହାନ୍ ବ୍ୟକ୍ତିଙ୍କ କାର୍ଯ୍ୟ ସମ୍ପର୍କରେ ଏଥରର ପ୍ରଚ୍ଛଦ ପ୍ରସଙ୍ଗରୁ ଅନେକ କଥା ଜାଣହେଲା। 'ଟ୍ରାଇ କଲର୍ ଲୁକ୍' ସମ୍ପର୍କିତ ପାଠଟି ବି ଖୁବ୍ ସୁନ୍ଦର ହୋଇଥିଲା। **–ରୋହିତ ପାଣିଗ୍ରାହୀ, ସମ୍ବଲପୁର**

*ଏଥରର ବ୍ୟକ୍ତିତ୍ୱ ପୃଷ୍ଠାରୁ ସମାଜସେବାରେ ସମର୍ପିତା ପଦ୍ମଶ୍ରୀ ଶାନ୍ତି ଦେବୀଙ୍କ ଜୀବନି ସମ୍ପର୍କରେ ବହୁ ଅଜଣା କଥା ଜାଣିବାକୁ ମିଳିବାରୁ ଖୁସି ଲାଗିଲା। ସେହିପରି ସୃଜନ ପୃଷ୍ଠାରେ ସ୍ଥାନିତ 'ମିଃ. ଲକି' ନାମକ ଗପ ଏବଂ 'କଣ୍ଢେଇ ନାଚ' ନାମକ କବିତାଟି ବେଶ୍ ହୃଦୟସ୍ପର୍ଶୀ ଥିଲା। ଅନ୍ୟପକ୍ଷେ ସିନେମା ପୃଷ୍ଠାରେ ସ୍ଥାନିତ 'ନୱାଜଉଦ୍ଦିନଙ୍କ ହ୍ୟାଟ୍ରିକ୍', 'ଜୟୀ ରାଜଗୁରୁ', 'ଚାଲିଛି ଦିନ ଗଣନା' ଆଦି ପାଠଗୁଡ଼ିକର ଉପସ୍ଥାପନା ଶୈଳୀ ବେଶ୍ ଉଚ୍ଚକୋଟୀର ଥିଲା। **–ପଲ୍ଲବୀ ସ୍ୱାଇଁ, ମାଲକାନାଗିରି**

*ହାସ୍ୟାଭିନେତା ଭକ୍ତ ପ୍ରହ୍ଲାଦ ଚରଣ ପଟ୍ଟନାୟକ (ହାଡ୍ଡୁ)ଙ୍କ ରୋଜଗାର ସମ୍ପର୍କିତ ଲେଖାଟି ବେଶ୍ ପ୍ରେରଣାଦାୟୀ ଥିଲା। ଏପରିକି ସାଥୀର ଉତ୍ତରଗୁଡ଼ିକ ବି ଖୁବ୍ ରୋମାଣ୍ଟିକ୍ ଲାଗୁଥିଲା। ସେହିପରି ଏଥରର ସେଲିବ୍ରିଟି ସିକ୍ରେଟ୍‌ରୁ ଅଭିନେତ୍ରୀ ସୂର୍ଯ୍ୟମୟୀ ମହାପାତ୍ରଙ୍କ ଜୀବନି ସମ୍ପର୍କରେ ଅନେକ ଅଜଣା କଥା ଜାଣିବାକୁ ମିଳୁବାରୁ ଖୁସି ଲାଗିଲା। ମଡେଲ୍ ମିରର୍‌ରେ ପିୟାଲୀ ବେଶ୍ ସୁନ୍ଦରୀ ଲାଗୁଥିଲେ। ଅନ୍ୟପକ୍ଷେ ସାଧାରଣତନ୍ତ୍ର ଦିବସ ଅବସରରେ କେଉଁ କେଉଁ ସ୍ଥାନକୁ ବୁଲିଗଲେ ନିଆରା ଅନୁଭୂତି ମିଳିପାରିବ ସେ ସମ୍ପର୍କରେ ବି ସହର ପୃଷ୍ଠାରୁ ଜାଣି ଭଲ ଲାଗିଲା। **–ଶ୍ରେୟାଶ୍ରୀ ମହାନ୍ତି, ରସୁଲଗଡ଼, ଭୁବନେଶ୍ୱର**

*ବିବିଧା ପୃଷ୍ଠାରେ ସ୍ଥାନିତ 'ପରୀ ଭଳି କେଶ' ଏବଂ ବ୍ୟାକ୍‌ପେଜ୍ ପୃଷ୍ଠାରେ ସ୍ଥାନିତ 'ମୁର୍ଦ୍ଦାର ପାଉଁଶରେ ଗହଣା', 'ସେଲ୍ଫି ମ୍ୟୁଜିୟମ୍', 'ବ୍ରିଗେଡିୟର ପେଙ୍ଗୁଇନ୍' ଇତ୍ୟାଦି ପାଠଗୁଡ଼ିକ ବେଶ୍ ନିଆରା ଥିଲା ପଢିବାକୁ। ଅନ୍ୟପକ୍ଷେ ଏଥରର ବ୍ୟଙ୍ଗ ବିଭାଗରେ ସ୍ଥାନିତ 'ଶୋକ ପାଳନ' ନାମକ ଲେଖାଟି ବି ବେଶ୍ ମନୋରମ ଲାଗୁଥିଲା। **–ରୁକ୍ମଣୀ ସେନାପତି, ଝାରସୁଗୁଡ଼ା**



### ବିଶେଷ ଚିଠି

ଏମିତି ଦିନେ ମନର ମଣିଷକୁ ଖୋଜୁ ଖୋଜୁ
ଦିନେ ଦେଖାହେଲା ତୁମ ସହ।
ମନରେ ଅନେକ ପ୍ରଶ୍ନ ଅଜଣା ସାଥୀକୁ
କେମିତି ଯେ ନିଜର କରିବି।
ଏହି କଥା ଭାବୁ ଭାବୁ କେତେବେଳେ ଯେ
ନିଜର କରିଦେଇଛି ତୁମକୁ ତାହା ମୁଁ ଜାଣିପାରିନି।
ସେ ଅଜଣା ସାଥୀ ଆଉ କେହି ନୁହେଁ
ମୋ ପ୍ରିୟ ଛୁଟିଦିନ ପରା ତୁମେ।

**–ସୁଶିଳ କୁମାର ପ୍ରଧାନ, ଓରୁଆଲି, ଗୋପ, ପୁରୀ**

ଧରିତ୍ରୀ ଛୁଟିଦିନ
ସମ୍ପାଦକ: ତଥାଗତ ସତପଥୀ
Printed and published by Tathagata Satpathy on behalf of
Navajat Printers & Media Pvt. Ltd. and printed at Navajat Printers, B-15,
Rasulgarh Industrial Estate, Bhubaneswar-10, Ph.:2549302, Fax : 2549795

ସୂଚନା: ଛୁଟିଦିନ ପାଇଁ ଲେଖା ଓ ଫଟୋ ପଠାଇବାର ଇ-ମେଲ୍ ଠିକଣା: chhutidinadharitri@gmail.com



# ଓଡ଼ିଶାରେ ସେଓ

**ଫଳ ମଧ୍ୟରେ ସେଓର ସ୍ଥାନ ସ୍ୱତନ୍ତ୍ର। ରୋଗୀ ହୁଅନ୍ତୁ ବା ଭୋଗୀ ସମସ୍ତଙ୍କ ପାଇଁ ଖୋଜା ପଡେ ସେଓ। ତେବେ ଦିନ ଥିଲା ଭାରତର ନିର୍ଦ୍ଦିଷ୍ଟ କେତେକ ଅଞ୍ଚଳରେ ଏହି ଚାଷ କରାଯାଉଥିବାବେଳେ ଏବେ ଉନ୍ନତ ଚାଷପ୍ରଣାଳୀ ମାଧ୍ୟମରେ ପ୍ରାୟ ସବୁ ଅଞ୍ଚଳରେ ସେଓ ଚାଷ କରାଯାଉଛି। ଯେଉଁଥିରୁ ବାଦ୍ ପଡିନି ଓଡ଼ିଶା...**

ଫଳ ସମସ୍ତଙ୍କର ପ୍ରିୟ। ଏହା ସ୍ୱାଦିଷ୍ଟ ହେବା ସହ ସ୍ୱାସ୍ଥ୍ୟପଯୋଗୀ ମଧ୍ୟ। ତେବେ ସବୁ ଫଳ ମଧ୍ୟରେ ସେଓ ସ୍ୱତନ୍ତ୍ର। ରୋଗୀ ହୁଅନ୍ତୁ ବା ଭୋଗୀ ସମସ୍ତଙ୍କ ପାଇଁ ଖୋଜା ପଡେ ସେଓ। ତେବେ ଦିନ ଥିଲା ଭାରତର ନିର୍ଦ୍ଦିଷ୍ଟ କେତେକ ଅଞ୍ଚଳରେ ଏହା ଚାଷ କରାଯାଉଥିଲା। କିନ୍ତୁ ଏବେ ଉନ୍ନତ ଜ୍ଞାନକୌଶଳ ଓ ଚାଷପ୍ରଣାଳୀ ମାଧ୍ୟମରେ ପ୍ରାୟ ସବୁ ଅଞ୍ଚଳରେ ସେଓ ଚାଷ କରାଯାଉଛି। ଯେଉଁଥିରୁ ବାଦ୍ ପଡିନି ଓଡ଼ିଶା। ଏବେ କେତେବର୍ଷ ହେବ ଓଡ଼ିଶାର କେତେଜଣ ଉତ୍ସାହୀ ଯୁବକ ଆରମ୍ଭ କରିଛନ୍ତି କଶ୍ମୀର ସେଓ ଏବଂ ଥାଇଲାଣ୍ଡ ବରକୋଳି ଚାଷ।

ସାଧାରଣରେ ଅନେକଙ୍କ ଧାରଣା ଥାଏ ଯେ ଥଣ୍ଡା ଜଳବାୟୁ ଅଞ୍ଚଳରେ ସେଓ ଚାଷ ଭଲ ହୋଇଥାଏ । ମାତ୍ର ଉଷ୍ମ ଜଳବାୟୁ ଅଞ୍ଚଳରେ ଲଗାଯାଇଥିବା କେତେକ କିସମର ସେଓଗଛରୁ ଏବେ ସେଓ ଉତ୍ପାଦନ ହୋଇପାରୁଛି। ଯେଉଁକ୍ରମରେ ଆସୁଛି ଓଡ଼ିଶାର ବିଭିନ୍ନ ଅଞ୍ଚଳ। କୃଷିବିତ୍ ମାନଙ୍କ ପରାମର୍ଶରେ ସେଓ ଚାଷ କରି ଏମାନେ ବେଶ୍ ଲାଭବାନ ହୋଇପାରୁଛନ୍ତି। କେହି କେହି ସଉକରେ ମଧ୍ୟ ନିଜ ଘର ବାଡିରେ ସେଓ ଚାଷ କରି ଭଲ ଉତ୍ପାଦନ କରିପାରୁଛନ୍ତି। ଆଶା କରାଯାଏ ସମୟ ଆସିବ ଓଡିଶାର ଚାଷୀମାନେ ମଧ୍ୟ ସେଓ ଚାଷ ଉପରେ ନିର୍ଭର କରିପାରିବେ।

**କୁଚିଣ୍ଡାରେ ତିନିଭାଇଙ୍କ ସେଓ ଚାଷ**–ସେମାନେ ତିନିଭାଇ। ନିଜ ପୈତୃକ ଜମିରେ ଧାନ ଚାଷ କରୁଥିଲେ । ଥରେ ପରସ୍ପର ମିଶି ଚିନ୍ତା କଲେ କିଛି ଗୋଟେ ନୂଆଚାଷ କରିବା ପାଇଁ । ଏଥିପାଇଁ ୟୁଟ୍ୟୁବ୍‌ରୁ କଶ୍ମୀର ସେଓ ଚାଷ ସମ୍ପର୍କରେ ସବିଶେଷ ତଥ୍ୟ ପାଇଲେ। ଯାହାପରେ ଆରମ୍ଭ କଲେ ସେଓଚାଷ। ସେମାନେ ହେଲେ ସମ୍ବଲପୁର ଜିଲାର ଜମନକିରା ବ୍ଲକ ଅନ୍ତର୍ଗତ କୁଚିଣ୍ଡା ଉପଖଣ୍ଡ ଗମ୍ଭାରୀ ଗ୍ରାମର ଟଙ୍କଧର କଉଡ଼ି, ରଙ୍କଧର କଉଡ଼ି ଓ ଉମାକାନ୍ତ କଉଡ଼ି। ଉମାକାନ୍ତ କୁହନ୍ତି ରାଜ୍ୟ ବାହାରେ ଏକ ଘରୋଇ କମ୍ପାନୀରେ ଚାକିରି କରିଥିଲି। ମାତ୍ର ପରିବାର ଚଳେଇବା ପାଇଁ ଆବଶ୍ୟକ ପଡୁଥିବା ଅର୍ଥର ଅଭାବ ରହୁଥିଲା। ସବୁବେଳେ ଅଧିକ କିଛି ରୋଜଗାରପାଇଁ ଚିନ୍ତା କରୁଥିଲି। ଏଥିଯୋଗୁ ଥରେ ୟୁଟ୍ୟୁବ୍‌ର ସେଓ ଚାଷ ସମ୍ପର୍କରେ କିଛି ଭିଡିଓ ଦେଖିଲି। ଫଳରେ ଏହି ଚାଷପ୍ରତି ମନରେ ଆଗ୍ରହ ସୃଷ୍ଟିହେଲା । ସେଓ ଚାଷ ସମ୍ପର୍କରେ ଅନ୍ୟ ଭାଇମାନଙ୍କ ସହିତ ଆଲୋଚନା କରିଥିଲି। ତା'ପରେ ଅନ୍‌ଲାଇନରେ କଶ୍ମୀର ଓ ହିମାଚଳର ଏକ କୃଷିକ୍ଷେତ୍ର ସଂସ୍ଥାରୁ ଗୋଟିଏ ସେଓ ଚାରାର ମୂଲ୍ୟ ପ୍ରାୟ ୩୬୭ଟଙ୍କା ହିସାବରେ ପ୍ରାୟ ୫୦ଟି ଚାରା ମଗାଇଥିଲି । ଏହାପରେ ସେଓ ଗଛ ଲଗାଇବାର ପ୍ରଣାଳୀ ଏବଂ ଯତ୍ନ ନେବା ସମ୍ପର୍କରେ ସ୍ଥାନୀୟ ଉଦ୍ୟାନକୃଷି ବିଭାଗ ଅଧିକାରୀଙ୍କ ପରାମର୍ଶ ବି ଲୋଡ଼ିଥିଲି। ଅନ୍ୟପକ୍ଷେ ଗ୍ରାମର ମୁଖିଆ ଆନନ୍ଦ ନାୟକ ଏକ୍ଷେତ୍ରରେ ଉତ୍ସାହିତ କରିବା ସହିତ ସହଯୋଗ ମଧ୍ୟ କରିଥିଲେ। ଫଳରେ ଆମେ ତିନିଭାଇ ମିଶି ପ୍ରାୟ ୫ଏକର ପୈତୃକ ଜମିରେ ସେଓଗଛ ଲଗାଇଥିଲୁ। ଉକ୍ତ କୃଷିସଂସ୍ଥା ତରଫରୁ ଆମକୁ ସୂଚନା ଦେଇଥିଲେ ଯେ ଚାରାଗୁଡ଼ିକ ବଡ଼ଗଛ ହେଲାପରେ ପ୍ରାୟ ୩ବର୍ଷରେ ସେଓ ଫଳିବ। ମାତ୍ର ପ୍ରାୟ୧୭ମାସ ମଧ୍ୟରେ ସେଓଗଛରେ ଫୁଲ ଓ ଫଳ ଆସିଥିଲା। ଏଥିଯୋଗୁ ତିନିଭାଇ ଖୁସି ହୋଇପଡ଼ିଥିଲୁ। ସେଓ ଗଛର ଯତ୍ନ ପାଇଁ ସବୁବେଳେ ୟୁଟ୍ୟୁବ୍ ଏବଂ ଉଦ୍ୟାନ କୃଷି ବିଭାଗ ଅଧିକାରୀଙ୍କ ପରାମର୍ଶ ନେଉଥିଲି। ଏବେ ଗୋଟିଏ ଗୋଟିଏ ଗଛରେ ପ୍ରାୟ ୮ରୁ ୧୦ କି.ଗ୍ରା. ପର୍ଯ୍ୟନ୍ତ ସେଓ ଫଳୁଛି। ମୋର ଧାରଣା ଥିଲା ଯେ କେବଳ ଥଣ୍ଡା ଜଳବାୟୁ ଅଞ୍ଚଳରେ ସେଓ ଫଳିପାରିବ, ମାତ୍ର ଏବେ ଜାଣିପାରିଲି ଉଷ୍ମ ଜଳବାୟୁ (ଓଡ଼ିଶା ମାଟିରେ)ରେ ମଧ୍ୟ ସେଓ ଫଳୁଛି। ଏହି ସଫଳତା ମନକୁ ଅଧିକ ଉତ୍ସାହିତ କରିଛି। ଏଥିଯୋଗୁ ସେଓ ଚାଷରେ ଭଲ ଲାଭବାନ୍ ହୋଇପାରୁଛି। ଅନ୍ୟପକ୍ଷେ ସେଓ ଚାଷ ପାଇଁ ରାଜ୍ୟପାଳଙ୍କଠାରୁ ପୁରସ୍କୃତ ମଧ୍ୟ ହୋଇଛି।

**ବିନା ମାଟିରେ ଫଳାଇଲେ ସେଓ**– ସେ ଭଲ ପାଆନ୍ତି ବିଭିନ୍ନ ବୃକ୍ଷଲତାକୁ । ଏଥିପାଇଁ ପିଲାଟିଦିନରୁ ତାଙ୍କର ରହିଛି ବିଭିନ୍ନ ବୃକ୍ଷଲତା ପ୍ରତି ଦୁର୍ବଳତା । ଗଛଲତାର ଯତ୍ନ ନେବାରେ ପ୍ରତିଦିନ ସେ କିଛିଘଣ୍ଟା ପରିଶ୍ରମ କରି ଆନନ୍ଦ ପାଆନ୍ତି। ସେହେଲେ ହୃଷୀକେଶ ଦାଶ। ସେ କୁହନ୍ତି, ଗଛଟିଏ ଲଗାଇବା ପାଇଁ ମାଟିର ଆବଶ୍ୟକତା ରହିଛି। ପାଣି, ପବନ ସହିତ ଉପଯୁକ୍ତ ପରିବେଶ ଦରକାର । ମାତ୍ର ବିନା ମାଟିରେ ଛାତ ଉପରେ ବିଭିନ୍ନ ଫଳ ଓ ପନିପରିବା ଗଛ ଲଗାଇ ସଫଳତା ପାଇବାରେ ଏହି ନିଆରା ପ୍ରୟାସ କରିଥିଲି। ଭୁବନେଶ୍ୱର ନୀଳାଦ୍ରିବିହାର ଅଞ୍ଚଳରେ ଆମ ଘର। ଆଜକୁ ପ୍ରାୟ ୩୦ବର୍ଷ ତଳେ ଆମ ଘରେ

→







ମୋ ମା’ ମାଟିକୁଣ୍ଡରେ ବିଭିନ୍ନ ପ୍ରକାରର ଗଛ ଲଗାଇ ତା’ର ଯତ୍ନ ନେଉଥିଲେ । ତାଙ୍କର ଏମିତି କାର୍ଯ୍ୟ ଦେଖି ମୋତେ ପ୍ରେରଣା ମିଳିଥିଲା । । ବିଭିନ୍ନ ଗଛଲତା ଲଗାଇବାର ଅଭ୍ୟାସ ଜାରି ରହିଲା। ମାତ୍ର ମୋର ବିଏ,ଏଲ୍ଏଲ୍ବି ଏବଂ ଏମ୍ଏ,ଏଲ୍ଏଲ୍ବି ପଢ଼ା ସରିଲା ପରେ କିଛିଗୋଟେ ନୂଆକାମ ପାଇଁ ଭାବୁଥିଲି। ବିଭିନ୍ନ ସ୍ଥାନରେ ଆୟୋଜିତ କୃଷିପ୍ରଦର୍ଶନୀ କାର୍ଯ୍ୟକ୍ରମ ଦେଖିବାକୁ ଯାଇଥାଏ । ଥରେ ୟୁଟ୍ୟୁବ୍‌ରୁ ଦେଖିଲି ବିନା ମାଟିରେ ବିଭିନ୍ନ ପ୍ରକାରର ଫସଲ ଓ ପନିପରିବା ଚାଷ ହେଉଛି। ଏମିତି ଚାଷ ନିଜେ କିପରି କରିପାରିବି ସେ ଚିନ୍ତା ଘାରିଲା। ୨୦୦୯ ମସିହାରେ ଥରେ ଦିଲ୍ଲୀ ଯାଇଥାଏ। ସେଠାର ଜନତା ମଇଦାନରେ ଏକ କୃଷିପ୍ରଦର୍ଶନୀରେ ଗୋଟିଏ ପ୍ରକଳ୍ପ ଦେଖିଲି । ଯାହା କି ବିନାମାଟିରେ କିପରି ବିଭିନ୍ନ ଫଳ ଓ ପନିପରିବା ଚାଷ ହେଉଛି। ଏହି ପ୍ରକଳ୍ପ ଦେଖି କିଛି ଯୋଜନା କଲି। ଏବଂ ଭୁବନେଶ୍ୱର ଫେରିଲା ପରେ ଏଥିପାଇଁ ଆବଶ୍ୟକ ଉପକରଣ ଯୋଗାଡ଼ କଲି । ସାକ୍ଷୀଗୋପାଳରୁ କୋକ୍‌ପିଟ୍ ବା ନଡ଼ିଆକତା ଗୁଣ୍ଡ କିଣି ଆଣିଲି । କିଛି ପଲିଥିନ ପ୍ୟାକେଟ, ମାଟି ବା ସିମେଣ୍ଟ କୁଣ୍ଡ ସଂଗ୍ରହ କଲି। ଫର୍ଲାଇଟ ଫର୍ମିଲାର କେରଳରୁ ଅନ୍‌ଲାଇନରେ ମଗାଇଲି। ଏହା ପାଣିକୁ ସଂରକ୍ଷଣ କରିପାରେ। ଏହି କୋକ୍‌ପିଟ୍ ବା ନଡ଼ିଆକତା ଗୁଣ୍ଡ ମାଟିଠାରୁ ହାଲୁକା। ଏଥିରେ ଗଛ ଶୀଘ୍ର ବଢ଼ିପାରେ ଓ ଚେର ବି ଚାରିଆଡ଼କୁ ଯାଇପାରେ । କିଛି ମିନେରାଲ (ପର୍ଲାଇଟ ଭର୍ମିକୁଲାଇଟ)ମିଶ୍ରଣ କରାଯାଇଥାଏ। ଯାହା ପାଣିକୁ ଅବଜର୍ଭ କରିବାରେ ସହାୟକ ହୋଇଥାଏ। ଭୁବନେଶ୍ୱରରେ ଥିବା କେତେକ ନର୍ସରିରୁ ଫଳଗଛ ଚାରା କିଣିଆଣିଲି । ସେସବୁକୁ ଘର ଛାତରେ କୋକ୍‌ପିଟ୍ କୁଣ୍ଡକୁ ସଜାଇ ରଖିଲି। କିଛି ଜୈବିକ ଖତ, ନିମତେଲ, ପତ୍ରଗୁଣ୍ଡ, କରଞ୍ଜତେଲ ଏବଂ ଫର୍ଲାଇଟ ଫର୍ମକୁଲାର ପକାଇଥିଲି। ଏହାପରେ ଏହି କୁଣ୍ଡରେ ବିଭିନ୍ନ ଫଳଗଛ ଲଗାଇଥିଲି। ଏକ ଭିନ୍ନ ପ୍ରଜାତିର ସେଓ ଗଛ ପାଇଁ ଆବଶ୍ୟକ ପଡୁଥିବା ତାପମାତ୍ରା ଏଠାରେ ବି ମିଳିପାରିଲା। କିନ୍ତୁ ଏପରି ପ୍ରଣାଳିରେ ସେଓ ଚାଷ ପାଇଁ ହିମାଚଳ ପ୍ରଦେଶରୁ ଜଣେ ବନ୍ଧୁଙ୍କ ଜରିଆରେ ପ୍ରଥମେ ଦୁଇଟି ସେଓ ଚାରା ଆଣିଥିଲି। ପୁଣେରୁ ଅଙ୍ଗୁର ଚାରା ମଗାଇଲି, ସେହିପରି ହରିୟାଣାରୁ ଷ୍ଟ୍ରବେରି ଚାରା ମଗାଇଥିଲି। ଏକବର୍ଷ ମଧ୍ୟରେ ଏସବୁ ଗଛରେ ଫୁଲ ଫଳ ଆସିଲା। ସୌଖୀନରେ ଲଗାଇଥିବା ଗଛ ମୋର ପରିବାରରେ ଖୁସି ଦେଉଛି।’

**ବୋଲଗଡ଼ରେ ହିମାଚଳ ସେଓ–** ଗାଁରେ ରହି ପୈତୃକ ଚାଷଜମିରେ ଧାନ ଚାଷ କରୁଥିଲେ। ଥରେ ସେ ଚିନ୍ତା କଲେ ଆଉ କ’ଣ କଲେ ଭଲ ଦି’ ପଇସା ମିଳିବ। ଏଥିପାଇଁ ସେ ୟୁଟ୍ୟୁବ୍ ଦେଖି ସେଓ ଚାଷପାଇଁ ମନ ବଳାଇଥିଲେ। ସେ ହେଲେ ଖୋର୍ଦ୍ଧା ଜିଲାର ବୋଲଗଡ଼ ବ୍ଲକ ଅନ୍ତର୍ଗତ ଭବାନୀପୁର ଗାଁର ଅରୁଣ ନାଏକ। ଅରୁଣ କୁହନ୍ତି, ‘୨୦୧୯ରେ ଅନ୍‌ଲାଇନରେ ହିମାଚଳ ପ୍ରଦେଶର ଏକ ସଂସ୍ଥାରୁ ପ୍ରଥମେ ପ୍ରାୟ ୩୪ଟି ସେଓଚାରା ମଗାଇଥିଲି। ଗୋଟିକର ମୂଲ୍ୟ ଥିଲା ୩୫୦ଟଙ୍କା। ସେଓ ଗଛ ଲଗାଇବା ପାଇଁ ପ୍ରଥମେ ୩ଫୁଟ୍‌ର ଗଭୀର ଓ ଚଉଡ଼ା ଗାତ ଖୋଳିଥିଲି। ତା’ ପରେ ସେଥିରେ ଉଇ ନ ଲାଗିବା ପାଇଁ ଉଇମରା ଔଷଧ ପକାଇ ମାଟିକୁ ବିଶୋଧନ କରିଥିଲି। ଏହା ପରେ ସେଥିରେ ଗୋବର ଖତ ପକାଇଥିଲି। ଆମ ଘରବାରିର ପ୍ରାୟ ୧୦ଗୁଣ୍ଠ ଜମିରେ ବର୍ଷାଦିନେ ୨୬ଟି ସେଓ ଗଛ ଲଗାଇଥିଲି। ପ୍ରତିଗଛର ବ୍ୟବଧାନ ୧୫ଫୁଟ୍ ରହିବା ଉଚିତ। ମାତ୍ର ଆମର ଏଠି ଜାଗା କମ୍ ଥିବାରୁ ପ୍ରାୟ ୫ ଫୁଟ୍ ଦୂରତାରେ ଗଛଗୁଡ଼ିକ ରହିଛି। ପ୍ରଥମେ ୧୭ମାସ ମଧ୍ୟରେ ସବୁଗଛରେ ଫୁଲ ଧରିଥିଲା। ମାତ୍ର ୩ଟି ଗଛରେ ଫଳ ଫଳିଲା। ପ୍ରଥମେ ଫଳିଥିବା ଗୋଟିଏ ସେଓର ଓଜନ ଥିଲା ପ୍ରାୟ ୫୦ଗ୍ରାମ୍‌ରୁ ୧୦୦ଗ୍ରାମ। କିନ୍ତୁ ଉକ୍ତ ସଂସ୍ଥା ତରଫରୁ କୁହାଯାଇଥିଲା ଯେ ପ୍ରାୟ ୩ବର୍ଷ ମଧ୍ୟରେ ସବୁଗଛରେ ଫଳ ଆସିବ। ତେବେ ନାଇଣ୍ଟି ନାଇନ(୯୯– ହରିମନ ଶର୍ମା) କିସମର ସେଓ ଆମ ଅଞ୍ଚଳରେ ନୂଆ କରି ଫଳିଥିବାରୁ ଖୁସି ହୋଇଥିଲି। ପ୍ରଥମେ ଆମ ବୋଲଗଡ଼ ଅଞ୍ଚଳରେ ସେଓ ଫଳିଥିବାରୁ ସ୍ଥାନୀୟ ଅଞ୍ଚଳର କେତେଜଣ ଉତ୍ସାହୀ ଯୁବକ ଏଠାର ଗଛରେ ଫଳିଥିବା ସେଓକୁ ଦେଖିବାକୁ ଆସିଥିଲେ। ଏବେ ଗଛଗୁଡ଼ିକୁ ସାଇଜ କରି କିଛି କିଛି ଡାଳକୁ କାଟି ଦେଇଛି। ଆଶାକରିଛି ଆଗାମୀ ଦିନରେ ଅଧିକ ପରିମାଣରେ ସେଓ ଫଳିବ।

**ଗଞ୍ଜାମରେ ଆପଲ ବେର୍–** ସେ ଜଣେ ପୋଲିସ କର୍ମଚାରୀ ମାତ୍ର ଗାଁରେ ତାଙ୍କର ପରିବାର କିପରି ଚାଷରେ ଅଧିକ ରୋଜଗାର କରିପାରିବେ ସେଥିପାଇଁ ଚିନ୍ତାକଲେ। ସେ ହେଲେ ବି.ରଞ୍ଜନ ପ୍ରଧାନ।ପିତାଙ୍କ ନାମ ବି.ରାମଚନ୍ଦ୍ର ପ୍ରଧାନ, ମା ଶଶି ଦେଇ। ଘର ଗଞ୍ଜାମ ଜିଲା ରମ୍ଭା ଅଞ୍ଚଳର ସାବୁଲିଆ ନିକଟସ୍ଥ ରେଡ଼ି ବାହାଡ଼ାପଲ୍ଲୀ ଗ୍ରାମରେ। ସେ କୁହନ୍ତି, ଗାଁରେ ଆମ ପରିବାରର ସମସ୍ତେ ଚାଷକାମ କରି ଘର ଚଳାଇଥାନ୍ତି। ଏଥିରେ ମୋର ସହଯୋଗ ରହିଥାଏ। ମାତ୍ର ଆପଲ୍ ବେର୍ ଚାଷ କରିବା ପାଇଁ ବାପା ମା’ ଓ ଭାଇ ମିଶି ଯୋଜନା କଲୁ। ଏଥିରେ ଅଧିକ ରୋଜଗାର ହୋଇପାରିବ ବୋଲି ଆଶା କରିଥିଲି। ଏଥିପାଇଁ ୨୦୨୧ଫେବୃୟାରୀରେ କୋଲକାତାରୁ ପ୍ରାୟ ୮୦୦ଟି ଆପଲ୍ ବେର୍ ବା ଥାଇଲାଣ୍ଡ ବରକୋଳି ଚାରା ଆଣିଥିଲି। ପ୍ରାୟ ୨ଏକର ପୈତୃକ ଜମିରେ ଏହି ଚାଷ କରାଯାଇଛି। ଭଲ ଫଳ ମଧ୍ୟ ଫଳିଛି। ୨୦୨୨ ଜାନୁୟାରୀ ୨୦ରୁ କୋଳି ତୋଳିବା ଆରମ୍ଭ କରିଛି। ବଜାର ଦର ୧କିଗ୍ରା ପିଛା ୧୦୦ଟଙ୍କା ରହିଛି। ଏହି କୋଳି ଦେଖିବାକୁ ଛୋଟ ସେଓ ପରି । ଏବେ ଏହି ବଗିଚାକୁ ସ୍ଥାନୀୟ ଅଞ୍ଚଳର ଉତ୍ସାହୀ ଚାଷୀଙ୍କ ଭିଡ଼ ଜମୁଛି। ମୁଁ ଶୁଣିଛି ଏମିତି କୋଳିଚାଷ କଟକର ନିଆଳି ଓ ଖୋର୍ଦ୍ଧାର ବୋଲଗଡ଼ ଅଞ୍ଚଳରେ କେତେଜଣ ବ୍ୟକ୍ତି ଏହି ଚାଷ କରୁଛନ୍ତି।

**କୋରାପୁଟରେ ସେଓ–** ଦୁଇଭାଇ ନିଜର ପୈତୃକ ଜମିରେ ବିଭିନ୍ନ ଫସଲ ଚାଷକରି ପରିବାର ଚଳାନ୍ତି। ମାତ୍ର ଏହି ଦୁଇଭାଇ କୋରାପୁଟ ଜିଲାର ସଫଳ ଚାଷୀଭାବେ ନିଆରା ପରିଚୟ ସୃଷ୍ଟି କରିପାରିଛନ୍ତି। ଏମାନେ ହେଲେ ଆଦିବାସୀ ଅଧ୍ୟୁଷିତ କୋରାପୁଟ ଜିଲା ଲକ୍ଷ୍ମୀପୁର ବ୍ଲକ ଅଧୀନ ମାରବାଇଗୁଡ଼ା ଗ୍ରାମର ଶରତ ସାହୁ ଓ ଗୋବିନ୍ଦ ସାହୁ । ଶରତ କୁହନ୍ତି, ‘+୩ ଯାଏ ପଢ଼ିଛି। ପ୍ରଥମେ ଚାକିରି ପାଇଁ ଚେଷ୍ଟାକରି ନିରାଶ ହେଲି। ସେତେବେଳେ ପରିବାରର ଅଭାବ ଅସୁବିଧା ଯୋଗୁ ସାନଭାଇ ଗୋବିନ୍ଦ ୧୦ମ ଯାଏ ପଢ଼ିଲା । ତାପରେ ଦୁଇଭାଇ ମିଶି ବିଭିନ୍ନ ଫଳଗଛ ଲଗାଇ ସେଥିରୁ ଯାହା ରୋଜଗାର ହେଉଥିଲା ସେଥିରେ ପରିବାର ଚଳାଉଥିଲୁ। ଏପରିକି ନିଜ ପ୍ରଚେଷ୍ଟାରେ ଏକ କୃଷକ ସଂଘ ଗଠନ କରିଛୁ। ଏହାକୁ ୨୦୦୩ରେ ସରକାରରୀ ଉଦ୍ୟାନକୃଷି କ୍ଷେତ୍ରରେ ପଞ୍ଜୀକରଣ କରାଯାଇଛି। ଏଥିରେ ପ୍ରାୟ ୮ଜଣ ଅଛନ୍ତି । ସମସ୍ତେ ନର୍ସରିରେ ପରିଶ୍ରମକରି ନିଜ ପରିବାରର ଗୁଜୁରାଣ ମେଣ୍ଟାଉଛନ୍ତି। ପ୍ରଥମେ୨୦୦୨ମସିହାରେ ବାଙ୍ଗାଲୁରରୁ ୨ଟି ଶିମ୍‌ଲା ପ୍ରଜାତିର ସେଓ ଚାରା ଆଣିଥିଲି। ଏଥିରେ ସଫଳତା ମିଳିଲା। ଏହାପରେ ଆଉ ୧୨ଟି ଚକ୍ରି ଓ ଶିମଲା ପ୍ରଜାତିର ସେଓ ଚାରା ଆଣିଲି। ଏବେ ସେହି ଗଛରୁ ବର୍ଷକୁ ୨ଥର ଅର୍ଥାତ୍ ଥରକେ ପ୍ରାୟ ୭୦ରୁ ୮୦କିଲୋ ପର୍ଯ୍ୟନ୍ତ ସେଓ ଫଳୁଛି। ସ୍ଥାନୀୟ ଅଞ୍ଚଳରେ ଏହି ସେଓର ମୂଲ୍ୟ ୧କିଗ୍ରା ପ୍ରତି ପ୍ରାୟ ୮୦ରୁ ୧୦୦ଟଙ୍କା ମଧ୍ୟରେ ବିକ୍ରି କରାଯାଉଛି। ଏଠାରେ ଆମ ଓଡ଼ିଶା ସେଓର ଚାହିଦା ଭଲ ରହିଛି। ଏଥିସହିତ ଆମ୍ବ,ଷ୍ଟ୍ରବେରି ଆଦି ଅନ୍ୟାନ୍ୟ ଗଛ ଲଗାଇ ସେଥିରୁ ଭଲଫଳ ଆସୁଛି। ଉଦ୍ୟାନ କୃଷିରେ ସଫଳତା ଯୋଗୁ କୃଷକ ସମ୍ମାନ ଓ ପୁରସ୍କାର ମିଳିଛି।’

ଅନ୍ୟ ଦେଶ ଓ ରାଜ୍ୟରୁ ବିଭିନ୍ନ ଫଳ ଚାରା ସଂଗ୍ରହକରି ଓଡ଼ିଶା ମାଟିରେ ଫଳ ଫଳାଇବାରେ ସକ୍ଷମ ହୋଇପାରିଥିବା ଏମିତି କେତେଜଣ ଉତ୍ସାହୀ ଚାଷୀ ଅନ୍ୟ ମାନଙ୍କ ପାଇଁ ସତରେ ପ୍ରେରଣା।

–ବନବିହାରୀ ବେହେରା

ଅମିତାଭ ବେହେରା, ପ୍ରଶାନ୍ତ ମିଶ୍ର, ବିରଞ୍ଚି ନାରାୟଣ ଦର୍ଜ୍ଜୀ



ଶରତ ସାହୁ



ଉମାକାନ୍ତ କଉଡ଼ି



ହୃଷୀକେଶ ଦାଶ



ଅରୁଣ ନାଏକ



ବି.ରଞ୍ଜନ ପ୍ରଧାନ



ବି.ରାମଚନ୍ଦ୍ର ପ୍ରଧାନ ଓ ଶଶି ଦେଇ





# ଫ୍ଲୋରାଲ୍ ବ୍ଲାଉଜ୍





**ଫ୍ଲୋରାଲ୍ ପ୍ରିଣ୍ଟର ଫ୍ୟାଶନ କେବେ ବି ଆଉଟ୍ ଅଫ୍ ଟ୍ରେଣ୍ଡ ହୁଏ ନାହିଁ। ଏହି ପ୍ରିଣ୍ଟ ରିଫ୍ରେଶିଂ ଲୁକ୍ ଦେଇଥାଏ। କେବଳ ୱେଷ୍ଟର୍ନ ନୁହେଁ ଇଣ୍ଡିଆନ୍ ଆଉଟ୍‌ଫିଟ୍‌ରେ ମଧ୍ୟ ଫ୍ଲୋରାଲ୍ ପ୍ରିଣ୍ଟ ଖୁବ୍ ସୁନ୍ଦର ଲାଗେ। ଏପରିକି ଫ୍ଲୋରାଲ୍ ପ୍ରିଣ୍ଟବାଲା ବ୍ଲାଉଜ୍‌ର ବି ଭଲ ଡିମାଣ୍ଡ ରହିଥାଏ ମହିଳାଙ୍କ ଗହଣରେ। ସେଥିପାଇଁ ଏହି ପାର୍ଟନ ବ୍ଲାଉଜ୍‌ର ଅନେକ ଡିଜାଇନ୍ ଆସିଥାଏ, ଯାହା ସାଧାରଣ ଶାଢ଼ିକୁ ବି ନୂଆ ଲୁକ୍ ଦେଇଥାଏ। ସେମିତି କେତୋଟି ଟ୍ରେଣ୍ଡି ଫ୍ଲୋରାଲ୍ ବ୍ଲାଉଜ୍ ଡିଜାଇନ୍ ସମ୍ପର୍କରେ...**





**ଫ୍ଲୋରାଲ୍ ଅନ୍ ଫ୍ଲୋରାଲ୍:** କେବଳ ଯେ ପ୍ଲେନ୍ ଶାଢ଼ି ସହ ଫ୍ଲୋରାଲ୍ ଡିଜାଇନ୍ ବ୍ଲାଉଜ୍ ପିନ୍ଧିହେବ ତାହା ନୁହେଁ, ଫ୍ଲୋରାଲ୍ ପ୍ରିଣ୍ଟ ଶାଢ଼ି ସହ ବି ଏହାକୁ ପେୟାର୍ କରିହେବ। ଲାଇଟ୍ କଲର୍‌ର ଫ୍ଲୋରାଲ୍ ଶାଢ଼ି ସହ ଫ୍ଲୋରାଲ୍ ବ୍ଲାଉଜ୍ ବେଶ୍ ଆକର୍ଷଣୀୟ ଲାଗିଥାଏ।

**ଡିଜାଇନର୍ ଫ୍ଲୋରାଲ୍ ବ୍ଲାଉଜ୍:** ଯଦି ଆପଣଙ୍କର ହେଭି ଲୁକ୍ ପସନ୍ଦ, ତା'ହେଲେ ଏହି ପାର୍ଟନର ଫ୍ଲୋରଲ୍ ବ୍ଲାଉଜ୍ ଟ୍ରାଏ କରନ୍ତୁ। ଏହି ବ୍ଲାଉଜର କାନ୍ଧରେ ଏବଂ ବେକରେ ଖୁବ୍ ସୁନ୍ଦର ସୁନ୍ଦର ଫ୍ଲୋରାଲ୍ ଡିଜାଇନ୍ ହୋଇଥାଏ, ଯାହା ଖୁବ୍ ଆକର୍ଷଣୀୟ ଦେଖାଯାଇଥାଏ।

**ଫୁଲ୍ ସ୍ଲିଭ୍ ଫ୍ଲୋରାଲ୍ ବ୍ଲାଉଜ୍:** ପ୍ଲେନ୍ ଶାଢ଼ି ସହ ଏହି ପାର୍ଟନର୍ ବ୍ଲାଉଜ୍ ପେୟାର୍ କରି ପିନ୍ଧିଲେ ଲୁକ୍ ଖୁବ୍ ସୁନ୍ଦର ଦେଖାଯାଇଥାଏ। ତେବେ ଏହି ବ୍ଲାଉଜ୍ ପିନ୍ଧିଲାବେଳେ ବେକରେ ନେକ୍‌ପିସ୍ ନ ପିନ୍ଧି କେବଳ ଷ୍ଟେଟମେଣ୍ଟ ଇୟର ରିଂ ପିନ୍ଧିଲେ ବି ଲୁକ୍‌କୁ ଭଲ ମାନିଥାଏ।

**ଜିପ୍ ଡିଜାଇନ୍ ଫ୍ଲୋରାଲ୍ ବ୍ଲାଉଜ୍:** ଏହି ପାର୍ଟନ ବ୍ଲାଉଜ୍‌ର ସ୍ଲିଭ୍ ଖୁବ୍ ସରୁ ରହିବା ସହ ଏହାର ପଛପଟେ ଜିପ୍ ଲାଗିଥାଏ। କେହି କେହି ଆଗପଟେ ବି ଜିପ୍ ଲଗାଇବାକୁ ପସନ୍ଦ କରିଥାନ୍ତି।





ତେବେ ସେ ଯାହା ବି ହେଉ ଖାସ୍‌କରି ପ୍ଲେନ୍ ଶାଢ଼ି ସହ ଏହି ବ୍ଲାଉଜ୍ ପିନ୍ଧିଲେ ମଡର୍ନ ଲୁକ୍ ମିଳିଥାଏ।

**କୋର୍ସେଟ୍ ଷ୍ଟାଇଲ୍ ଫ୍ଲୋରାଲ୍ ବ୍ଲାଉଜ୍:** ଏହି ଷ୍ଟାଇଲ୍‌ର ବ୍ଲାଉଜ୍‌କୁ ବାହାଘର ଭଳି ବିଶେଷ ଦିନମାନଙ୍କରେ ପିନ୍ଧିଲେ ଯେ କେହି ବି ସେଣ୍ଟର ଅଫ୍ ଆଟ୍ରାକ୍‌ସନ୍ ଦେଖାଯାଇପାରିବେ ଏଥିରେ ସନ୍ଦେହ ନାହିଁ। ଖାସ୍‌କରି ସର୍ଟ ସ୍ଲିଭ୍ କିମ୍ବା ସ୍ଲିଭ୍ ଲେସ୍ ଷ୍ଟାଇଲ୍‌ରେ ଆସୁଥିବା ଏହି ବ୍ଲାଉଜ୍‌ର ଲମ୍ବା ପ୍ରାୟତଃ ଅଣ୍ଟା ପର୍ଯ୍ୟନ୍ତ ରହିଥାଏ।

**ପର୍ଲ ବର୍ଡର ଫ୍ଲୋରାଲ୍ ବ୍ଲାଉଜ୍:** ଟିକେ ଡିଫରେଣ୍ଟ ଦେଖାଯିବା ପାଇଁ ଚାହୁଁଥିଲେ ସିମ୍ପଲ ଫ୍ଲୋରାଲ୍ ଡିଜାଇନ୍ ବ୍ଲାଉଜ୍‌ର ବର୍ଡରମାନଙ୍କରେ ପର୍ଲ ଲଗାଇପାରିବେ। ଏହା ମହିଳାମାନଙ୍କୁ କ୍ଲାସି ଲୁକ୍ ଦେଇଥାଏ। ଏହା ସହିତ ମ୍ୟାଚିଂ କରି ପିନ୍ଧିବା ପାଇଁ ଆପଣ ଚାହିଁଲେ ଶାଢ଼ିରେ ମଧ୍ୟ ପର୍ଲ ଲଗାଇପାରିବେ।



**ବୋଟ୍ ନେକ୍ ଫ୍ଲୋରାଲ୍ ବ୍ଲାଉଜ୍:** ଏହା ହେଉଛି ଏବେକାର ଲାଟେଷ୍ଟ ଷ୍ଟାଇଲ୍‌ର ବ୍ଲାଉଜ୍। ଏହାକୁ ଉଭୟ ପ୍ରିଣ୍ଟେଡ୍ ହେଉ ଅବା ଡିଜାଇନର୍ ଶାଢ଼ି ସହ ପେୟାର କରି ପିନ୍ଧାଯାଇପାରେ। ଦେହରେ ଭଲ ଫିଟିଙ୍ଗ୍ ହୋଇ ରହିବା ପାଇଁ ଏହି ବ୍ଲାଉଜ୍‌ର ଆଗପଟ ହେଉ ଅବା ପଛପଟେ ଏବେ ଚେନ୍ ଦିଆଯାଉଛି।





# କାହାଣୀର ନାଁ କନକ ମଞ୍ଜରୀ

**ଆଦୌ ଚାଟଶାଳୀ ମାଡି ନଥିବା ଜେଜେମାଆଙ୍କର ଅଭିଧାନ ପ୍ରୀତି ଏବଂ ଶବ୍ଦ ଆହରଣ ଜ୍ଞାନ ଦ୍ୱାରା ବାଲ୍ୟକାଳୁ ଗଭୀର ଭାବରେ ପ୍ରଭାବିତ ହୋଇଥିବା ଡକ୍ଟର କନକମଞ୍ଜରୀ ପଟ୍ଟନାୟକ ଓଡ଼ିଆ ସାହିତ୍ୟ ଓ ଶିକ୍ଷାକ୍ଷେତ୍ରରେ ଜଣେ ପ୍ରତିଷ୍ଠିତ ବ୍ୟକ୍ତିତ୍ୱ । ଜଣେ ଓଡ଼ିଆ ପ୍ରାଧାପିକା ହିସାବରେ ତାଙ୍କର ସମ୍ୱଳ ହେଲା ଅଗଣିତ ଛାତ୍ରଛାତ୍ରୀଙ୍କର ଶ୍ରଦ୍ଧା ଓ ସମ୍ମାନ ପୁଣି ଲେଖିକା ହିସାବରେ ସେ ସାଉଁଟିଛନ୍ତି ଅସୁମାରୀ ପାଠକଙ୍କ ବିପୁଳ ଆଦର..**

କାମ କରୁ କରୁ ଛାନ୍ଦ, ଚଉପଦୀ, ଭଞ୍ଜ, ବଳଦେବ, ଗୋପାଳକୃଷ୍ଣଙ୍କୁ ସ୍ୱର କରି ଗାଇ ଯାଉଥିବା ମାଆ ଏବଂ ଜେଜେମାଆଙ୍କଠାରୁ ଶୁଣି ଶୁଣି ସାହିତ୍ୟ ପ୍ରତି ଅନୁରକ୍ତ ହୋଇଥିଲେ ସେ। ଆଦୌ ଚାଟଶାଳୀ ମାଡି ନଥିବା ଜେଜେମାଆଙ୍କର ଅଭିଧାନ ପ୍ରୀତି ଏବଂ ଶବ୍ଦ ଆହରଣ ଜ୍ଞାନ ଦ୍ୱାରା ବାଲ୍ୟକାଳୁ ଗଭୀର ଭାବରେ ପ୍ରଭାବିତ ହୋଇଥିବା ଡକ୍ଟର କନକମଞ୍ଜରୀ ପଟ୍ଟନାୟକ ଓଡ଼ିଆ ସାହିତ୍ୟ ଓ ଶିକ୍ଷାକ୍ଷେତ୍ରରେ ଜଣେ ପ୍ରତିଷ୍ଠିତ ବ୍ୟକ୍ତିତ୍ୱ । ଜଣେ ଓଡ଼ିଆ ପ୍ରାଧାପିକା ହିସାବରେ ତାଙ୍କର ସମ୍ୱଳ ହେଲା ଅଗଣିତ ଛାତ୍ରଛାତ୍ରୀଙ୍କର ଶ୍ରଦ୍ଧା ଓ ସମ୍ମାନ ପୁଣି ଲେଖିକା ହିସାବରେ ସେ ସାଉଁଟିଛନ୍ତି ଅସୁମାରୀ ପାଠକଙ୍କ ବିପୁଳ ଆଦର। ୧୯୫୩ରେ ଘୁମୁସରର ମୁନିଗାଡିରେ ଜନ୍ମିତ କନକମଞ୍ଜରୀ ପଟ୍ଟନାୟକଙ୍କ ପ୍ରଥମ ପ୍ରକାଶିତ ଲେଖା ହେଉଛି 'ମହଙ୍ଗା ଯୁଗରେ ନାରୀର କର୍ତ୍ତବ୍ୟ, ଯାହା ପ୍ରକାଶିତ ହୋଇଥିଲା ୧୯୬୯ ମସିହାରେ 'ସ୍ୱରାଜ୍ୟ' ପୃଷ୍ଠାରେ । ଏହି ଲେଖାଟି ସେ ପ୍ରସ୍ତୁତ କରିଥିଲେ ଦଶମ ଶ୍ରେଣୀର ଛାତ୍ରୀ ଥିଲାବେଳେ । ପରବର୍ତ୍ତୀ ସମୟରେ ଏହି ପ୍ରବନ୍ଧଟି ଆକାଶବାଣୀ କଟକ ଆନୁକୂଲ୍ୟରେ ନାରୀମହଲ କାର୍ଯ୍ୟକ୍ରମରେ ପ୍ରଚାରିତ ହୋଇଥିଲା। ପୁନଶ୍ଚ ୧୯୭୨ ମସିହାରେ ଆକାଶବାଣୀ କଟକରୁ ପ୍ରଚାରିତ ହୋଇଥିଲା ତାଙ୍କର ପ୍ରଥମ ବେତାର ନାଟକ ଅଷ୍ଟବକ୍ର ସମ୍ମିଳନ। ଏସବୁ ପ୍ରାରମ୍ଭିକ ଉଦବେଳନ ସୂଚେଇ ଦେଇଥିଲା ଯେ ସାହିତ୍ୟ କ୍ଷେତ୍ରରେ ସେ ଅତିକ୍ରମ କରିବେ ବହୁ ଦୀର୍ଘପଥ । କନକ ମଞ୍ଜରୀଙ୍କ ସାହିତ୍ୟ ପ୍ରତିଭା ବହୁମୁଖୀ ଏବଂ ବହୁପ୍ରସ୍ତି। ତାଙ୍କ ମତରେ ସେ ସାହିତ୍ୟର ସବୁରୂପରେ ଓ ଆଙ୍ଗିକରେ ସ୍ୱଚ୍ଛନ୍ଦରେ ବିଚରଣ କରିପାରନ୍ତି। ଯେଉଁ ସମୟରେ ତାଙ୍କର ଆଲୋଡନକୁ ଯେଉଁ ରୂପ ଉପଯୋଗୀ ମନେହୁଏ ସେ ତାହା ଆହରଣ କରନ୍ତି । ସେହି ଆଙ୍ଗିକରେ ନିଜ ଆବେଗର ଉପସ୍ଥାପନ କରନ୍ତି । ତାଙ୍କର ସୃଷ୍ଟିସମ୍ଭାର ବିପୁଳ। ତାଙ୍କୁ ଆମେ ଏକାଦିକ୍ରମେ କବି, ଗାଳ୍ପିକ, ଔପନ୍ୟାସିକା, ଅନୁବାଦିକା , ଗୀତିକବି, ସମାଲୋଚିକା, ଶିଶୁ ସାହିତ୍ୟିକା ପୁଣିନାଟ୍ୟକାର ଏହିପରି କେତେ ରୂପରେ ଦେଖିପାରିବା। କବି ହିସାବରେ ତାଙ୍କର କୃତୀ ଗୁଡିକ ହେଲା ତଥାଗତ, ସନେଟ, କୋଥାକୁହା ଜହ୍ନରାତି, ବର୍ଷାରେ ଦୁଷ୍ଟଝିଅ ଓ ଶବ୍ଦ ଛଳଛଳ ଇତ୍ୟାଦି ଛଅଟି କବିତା ଗ୍ରନ୍ଥ। ଏଗୁଡିକର ମୂଳ ସ୍ୱର ଗଭୀର ଆବେଗ ଓ ନିବିଡ଼ ଅନୁରାଗ । ଗାଳ୍ପିକା ହିସାବରେ ସେ ରଚନା କରିଛନ୍ତି ମାଟିଦୀପ, ଅଥ ଅବଧୂତ ଓ ନଦୀର ନାମ ସରସ୍ୱତୀ ଆଦି ତିନୋଟି ଗଳ୍ପ ସଙ୍କଳନ। ତାଙ୍କର ଏକମାତ୍ର ଉପନ୍ୟାସ ବେଳାଭୂମିର ଚିହ୍ନ ପାଠକ ମହଲରେ ସୁପରିଚିତ। ଅନୁବାଦିକା ଭାବରେ ସେ ଓଡ଼ିଆ ସାହିତ୍ୟକୁ ଦେଇଛନ୍ତି କିଶୋର ଉପନ୍ୟାସ, ଗ୍ରୀକ ବୀର ପର୍ସିୟସ, ସମକାଳୀନ ହିନ୍ଦୀ କାହାଣୀ, କମ୍ରେଡ଼ଙ୍କ କୋର୍ଟ ଓ ଅନ୍ୟାନ୍ୟ ଗଳ୍ପ ତଥା ଅନୁଦିତ ଲଘୁକଥା ଆଦି ଚାରୋଟି ଗ୍ରନ୍ଥ। ତାଙ୍କର ଦୁଇ ଗୀତିକବିତା ଗ୍ରନ୍ଥ ଚିତ୍ର ନଦୀ ଓ ଗୀତି ନୈବେଦ୍ୟ ବେଶ ଚିତ୍ତକର୍ଷକ। ତାଙ୍କର ଅନେକ ଗୀତି କବିତା ଆକାଶବାଣୀରୁ ପ୍ରଚାରିତ। ପଲ୍ଲୀ କବି କାବ୍ୟବିଭା ତାଙ୍କ ସମାଲୋଚକୀୟ ସ୍ୱାକ୍ଷର ବହନ କରେ। ଶିଶୁ ସାହିତ୍ୟ କ୍ଷେତ୍ରରେ ମଧ୍ୟ ସେ ସଫଳତାର ସହ ଲେଖନୀ ଚାଳନା କରିଛନ୍ତି । ଲେଖିଛନ୍ତି ଇନ୍ଦ୍ରଧନୁ କବିତା ସଙ୍କଳନ । ଏହା ବାଦ ଶିଶୁମାନଙ୍କ ପାଇଁ ପାଞ୍ଚ ଶହରୁ ଉର୍ଦ୍ଧ୍ୱ କବିତା ଓ ଶତାଧିକ ଗଳ୍ପ । ତାଙ୍କର ଗୀତିନାଟ୍ୟ ଯସ୍ମା, ଆକାଶବାଣୀ ଜୟପୁରରୁ ପ୍ରଚାରିତ ଏବଂ ଅନ୍ୟ ଏକ ଗୀତିନାଟ୍ୟ ଗୋପ ବିଭୁତି ଭୁବନେଶ୍ୱର, ଦୂରଦର୍ଶନରୁ ପ୍ରସାରିତ ହୋଇ ଶ୍ରୋତା ତଥା ଦର୍ଶକମାନଙ୍କୁ ମନ୍ତ୍ରମୁଗ୍ଧ କରିଛି । ତାଙ୍କର ଲେଖନୀ ଏବେ ବି ଚଳଚଞ୍ଚଳ। ଆଗକୁ ପ୍ରକାଶ ପାଇବାକୁ ଅଛି କାକଳି ଓ ଅନ୍ୟାନ୍ୟ କବିତା, ସମୟର ଶିଳାଲିପି ନାମକ ଅନ୍ୟ ଏକ ଉପନ୍ୟାସ ତଥା ଏକ କିଶୋର କବିତା ସଙ୍କଳନ। ଅବିରତ ସାରସ୍ୱତ ସାଧନା ନିମନ୍ତେ ସେ ଅନେକ ଅନୁଷ୍ଠାନ ଦ୍ୱାରା ପୁରସ୍କୃତ ଓ ସମ୍ବର୍ଦ୍ଧିତ ହୋଇଛନ୍ତି। ସେଥିମଧ୍ୟରୁ ଅଂକୁର ସାହିତ୍ୟ ସମ୍ମାନ ( ପାରଳାଖେମୁଣ୍ଡି ), କଳଙ୍ଗ ସାହିତ୍ୟ ସମାଜ ବ୍ରହ୍ମପୁର ତରଫରୁ ସୁପ୍ରୀତି ଦେବୀ ସ୍ମୃତି ସମ୍ମାନ, ଅନୁବାଦ ପାଇଁ ତୀରତରଙ୍ଗ ସମ୍ମାନ, କୋଣାର୍କ ନାଟ୍ୟମଣ୍ଡପ ସମ୍ମାନ, ବିଷ୍ଣୁପ୍ରିୟା ସାମନ୍ତସିଂହାର ସମ୍ମାନ, ସୁପ୍ରଭା ରାୟ ଅନୁବାଦ ପୁରସ୍କାର, ଅଜିତ ଅନୁବାଦ ପୁରସ୍କାର ତଥା ମନସ୍ୱିନୀ ରାୟ ସ୍ମୃତି ସମ୍ମାନ ଇତ୍ୟାଦି ଉଲ୍ଲେଖନୀୟ । ଓଡ଼ିଶାର ଅଣସାହିତ୍ୟିକ ପରିବେଶ ସମ୍ପର୍କରେ ତାଙ୍କର ମତ ହେଲା ଅନ୍ଧାରକୁ ଅଭିଶାପ ଦେବା ପରିବର୍ତ୍ତେ ଛୋଟ ଆଲୋକବର୍ତ୍ତିକାଟେ ଜଳେଇବା ଉଚିତ । ତେଣୁ ସତ ସାହିତ୍ୟିକମାନେ ଅଙ୍ଗିକାରବଦ୍ଧ ହୋଇ ଏକ ସର୍ଜନମୁଖର ପରିବେଶ ସୃଷ୍ଟି କରିପାରିଲେ ନକରାତ୍ମକ ସ୍ଥିତି ଆପେ ସୁଧୁରିଯିବ । ତାଙ୍କ ସହ ସବୁ ସମୟରେ ରହି ଆସିଛି ତାଙ୍କ ଜୀବନସାଥୀ ସୁସାହିତ୍ୟିକ ତଥା ପ୍ରକାଶକ ରାଜ କିଶୋର ଦାସଙ୍କ ସହଯୋଗର ହାତ। କନକ ମଞ୍ଜରୀ କହିଲେ ଯେଉଁ କାହାଣୀ ତାହା ଦେହରେ ଯୋଡ଼ା ହେବାକୁ ଅଛି ଆହୁରି ନୂତନ ଅଧ୍ୟାୟ । ତାଙ୍କର ସାରସ୍ୱତ ଯାତ୍ରା ଏହିପରି ପ୍ରଲମ୍ବିତ ହେଉ ।

**–ମାନମୟୀ ରଥ**
ସେଣ୍ଟ ଜାଭିୟର୍ସ କିଟ୍ସ, ବାଲିପୁଟ, ପୁରୀ
ମୋ: ୭୯୭୮୫୭୯୩୯୯














# ଦୁଇଟି ମୁକ୍ତକ

–ଗିରିବାଳା ମହାନ୍ତି

## କବିତା

***

ଅନ୍ତରରେ ଉଦବେଳିତ
ଉଲଙ୍ଗ ଭାବକୁ
ଭାଷାର ବସ୍ତ୍ର ପିନ୍ଧେଇ ସାରି
ଦେଖେଁ ତ
ଅପରୂପ ରୂପରେ ଠିଆ
ହୋଇଛି

ଚିହ୍ନି ହେଉନାହିଁ
ଇଏ ମୋରି ଭାବନା ?
ଘଡ଼ିଏ ଆଗରୁ
ଭୂମିଷ୍ଠ ହେବା ପାଇଁ
ଅଥୟ ହେଉଥିଲା ।।

## ଅପରାହ୍ନ

***

ଦୂରରେ ତାଳ ନଡ଼ିଆର ସାରି
ତାଙ୍କ ମଥାନରେ ପଶ୍ଚିମକୁ
ଢଳି ପଡୁଥିବା ସୂର୍ଯ୍ୟ
ଉପରେ ମେଞ୍ଚା ମେଞ୍ଚା
ବିଚିତ୍ର ରଙ୍ଗବୋଳା ଆକାଶ
ତଳେ ଆକାଶର ବିମ୍ବ ଧରି
ସୁସ୍ଥିର ପୋଖରୀ
ଦ୍ୱିତୀୟ ଶ୍ରେଣୀ ପିଲାର
ଡ୍ରଇଂ ଖାତାର ପୃଷ୍ଠା ।

*–ଡିଅର ପାର୍କ , ଶାନ୍ତି ନିକେତନ, ପଶ୍ଚିମବଙ୍ଗ*
*ମୋ: ୯୯୩୩୪୯୨୧୩୬*



# ମଣିମଞ୍ଜୀର ହଜେ

–ଅନୀତା ପାଣି

ସରି ସରି ଯାଏ ଦିନ ଲୋ ବଉଳ
ଛାଡି ଦେଇ ଗଲା ଚିହ୍ନ,
ଆର ଚଇତରେ ଚଇତି ଯାତରେ
ହଜାଇ ଥିଲି ମୋ ମନ ।
ପାଇଥିଲା ଯେଉଁ ଦୂର ବିଦେଶିଆ
ଫେରାଇ ଦେଲାନି ଆଉ,
ପଣତ ପାତି ମୁଁ ନେହୁରା ହୋଇଲି
କହିଲା ମୋ ପାଖେ ଥାଉ ।
ମନ ବଦଳରେ କିଣି ଦେଇଥିଲା
ମଣିର ମଞ୍ଜିର ହଜେ,
ପାଦରେ ପିନ୍ଧାଇ ଗଲା ପରଦେଶେ
ବାଜେ ପାଦ ଯେବେ ଚାଳେ ।
ବାହୁଡିବ ବୋଲି କଷ୍ଟ ଦେଇଗଲା
ଫେରି ନ ଆସିଲା ଆଉ,
ବାଟ ଜଗି ଜଗି ବରଷ ବିତିଲା
ଚାଳରେ ଡାକୁନି କାଉ ।
ନୂପୂର ଏକା ଗୋ ସନ୍ତକ ସମ୍ପତି
ରଖିଛି ସିନ୍ଦୁକ କଡେ,
ପାଦେ ବାଜୁଥିଲେ କାନ୍ଦେ ମୋ ହୃଦୟ
ତାକୁ ବେଶୀ ମନେ ପଡେ ।

*–ସାଉଥ୍ ବଲଣ୍ଡା ,ତାଳଚେର*
*ମୋ: ୮୩୨୭୭୦୫୯୭୦*

# ଭାଗ୍ୟ

–ଛନ୍ଦା ମିଶ୍ର

ଲିଙ୍ଗରାଜ ମନ୍ଦିରକୁ ଯାଇଥିଲି ଝିଅକୁ ନେଇ। ମନ୍ଦିର ସାମନା ରେ ମହିଳାଟିଏ ବିକୁ ଥିଲା କିଛି କାଗଜ ଚକ୍ରି, ବେଙ୍ଗ ବାଇଦ ଓ ଛୋଟ ପ୍ଲାଷ୍ଟିକ ବାଇନାକୁଲାର ପରି ପିଲାଙ୍କ ଖେଳଣା। କାଗଜ ଚକ୍ରି ଗୁଡିକ, ପବନରେ ନିଜେ ନିଜେ ଘୁରୁଥାନ୍ତି। ଭାରି ସୁନ୍ଦର ଓ ଆକର୍ଷଣୀୟ ଦିଶୁଥାଏ। ସ୍ତ୍ରୀ ଲୋକଟି ବାଆଁ ହାତରେ ଖେଳଣା ଟଙ୍ଗା ହୋଇଥିବା ବାଡ଼ିଟି ଧରି ଥାଏ, ଡାହାଣ ହାତରେ ବେଙ୍ଗ ବାଇଦ ଟିଏ ଧରି ବଜାଉ ଥାଏ। ତାକୁ ଦେଖୁ ଦେଖୁ, ଝିଅ ଅଳି କଲା, ମା ମୋ ପାଇଁ ଗୋଟେ ଚକ୍ରି, ଆଉ ଗୋଟେ ବେଙ୍ଗ ବାଇଦ କିଣି ଦିଅନା.. ମୁଁ ତା ହାତ ଧରି, ସେ ଖେଳଣା ବାଲି ପାଖକୁ ଗଲା ବେଳକୁ ପଣ୍ଡା ଜଣେ, ସମସ୍ତଙ୍କ ଉଦ୍ଦେଶ୍ୟରେ ବଡ ପାଟି ରେ କହିଲେ, ଆରେ ଜଲଦି ଯାଅ, ବାବାଙ୍କର ପହଡ ପଡି ଯିବ। ଭାଗ୍ୟରେ ଥିଲେ ବାବାଙ୍କ ଦର୍ଶନ ମିଳେ। ଆଉ ଖେଳଣା କିଣିବି କ'ଣ ତରତର ହୋଇ ଝିଅକୁ ଭିଡି, ଭିଡ ଠେଲି ମନ୍ଦିରକୁ ଧାଇଁଲି। ସତକୁ ସତ ଆଉ ସାମାନ୍ୟ ଡେରି ହୋଇ ଥିଲେ ଠାକୁରଙ୍କ ଦର୍ଶନ, ମୋ ଭାଗ୍ୟରେ ନଥାନ୍ତା। ଲିଙ୍ଗରାଜଙ୍କୁ ଦର୍ଶନ କରି ଗୌରୀ ଓ ଭୁବନେଶ୍ୱରୀଙ୍କୁ ମୁଣ୍ଡିଆ ମାରି ବାହାରକୁ ଆସିଲା ବେଳକୁ ସିଂହଦ୍ୱାର ନିକଟରେ ଝିଅ, ଭୋଗ ଦେଖି ଛିଡା ହୋଇ ଗଲା। ସେଇ ଅଟାରେ ଚିନି ଦେଇ ପାଗ ହୋଇଥିବା ଲଡୁରେ ତାର ଭାରି ମନ। ତା ପାଇଁ ଲଡୁ ଓ ଉଖୁଡା ଦୁଇ ପ୍ୟାକେଟ୍ କିଣି ବାହାର କୁ ଆସିଲି। କୁନି ପାଟିଟି ଭିତରେ ଗୋଟିଏ ଲଡୁ ପୂରେଇ ଦେଇ, ଆଉ କଥା କହି ନପାରି ମତେ ଟାଣି ନେଲା ସେ ଖେଳଣା ଆଡ଼େ। ଖେଳଣା ବିକୁଥିବା ସ୍ତ୍ରୀ ଲୋକଟି ପାଖରେ, ନିଜ ଦେହଠାରୁ ଖୁବ୍ ବଡ ଓ ଢ଼ିଲା ଫ୍ରକ୍ ଟିଏ ପିନ୍ଧି ଠିଆ ହୋଇଥିଲା ଛୋଟ ଝିଅ ଟିଏ, ମୋରି ଝିଅ ବୟସର, ଯିଏ ଏକ ଲୟରେ ଚାହିଁଥିଲା, ମୋ ହାତରେ ଥିବା ଲଡୁ ଓ ଉଖୁଡା ପ୍ୟାକେଟ୍‌କୁ। ଝିଅ ପାଇଁ ଚକ୍ରି ଓ ବେଙ୍ଗ ବାଇଦ କିଣି ଦେଇ ପର୍ସରୁ ପଇସା କାଢିଲା ବେଳକୁ, ଖେଳଣା ବାଲିର କୁନି ଝିଅ ଟି, ମା ମତେ ଗୋଟେ ଚକ୍ରି ଦେ.. କହି ତା ମା'କୁ ବିକଳ ହୋଇ ଚାହିଁଲା। ମୁଁ ଆଉ ଏକ ଚକ୍ରି କିଣି ତା ହାତ ରେ ଧରାଇ ଦେଇ ଲଡୁ ପ୍ୟାକେଟ୍ ଟିଏ ବି ବଢେଇ ଦେଲି। ଝିଅଟି ଲାଜେଇ ଲାଜେଇ ହସିଲା। ମୋ ଝିଅ ବି ମତେ ଚାହିଁ ହସି ଦେଲା। ଭାରି ଭଲ ଲାଗିଲା ଦୁଇ କୁନି ଝିଅଙ୍କ ମୁହଁର ନିର୍ମଳ ନିଷ୍ପାପ ହସ ଦେଖି। ତେବେ ଷ୍ଟାଣ୍ଡରୁ ଚପଲ ପିନ୍ଧି ଫେରିଲା ବେଳକୁ ଝିଅଟି କାନ୍ଦୁ ଥିବାର ଦେଖି, ଚାଲି ଗଲି ତା ନିକଟକୁ। ପଚାରିଲି କଣ ହେଲା ? ଉତ୍ତର ମିଳିଲା, ମା ନେଇ ପୁଣି ରଖି ଦେଲା ଚକ୍ରିଟାକୁ। ତା ମା' ର ମୁହଁ କୁ ପ୍ରଶ୍ନିଳ ଦୃଷ୍ଟିରେ ଚାହିଁଲି। ସେ ମୋ ଆଖିରେ ଆଖି ନ ମିଶାଇ କହିଲା, କୋଡ଼ିଏ ଟଙ୍କା ଆମ ପାଇଁ ବହୁତ ଦିଦି, କୋଡ଼ିଏ ଟଙ୍କାର ଖେଳଣା ଖେଳିବାକୁ ଆମର ଭାଗ୍ୟ କାହିଁ...

*– ୩ ଆର୍/ ୬ ବିଜେବି ନଗର, ଭୁବନେଶ୍ୱର*
*ମୋ: ୯୪୩୭୪ ୫୩୬୧୦*





# ପ୍ରେମରେ ପଡିଛନ୍ତି ସାରା

ସୈଫ ତନୟା ସାରା ଅଲ୍ଲୀ ଖାଁ ଏବେ ଗୋଟିଏ କଥାରେ ମନୋନିବେଶ କରିଛନ୍ତି। ଯେହେତୁ ଏବେ ଶୁଟିଂରୁ କିଛି ସପ୍ତାହ ବ୍ରେକ୍ ମିଳିଛି, ତେଣୁ ଛୋଟ ଭ୍ୟାକେସନ କଟାଇବାକୁ ସାରା ଏବେ ମାଲେସିଆରେ ଡେରା ପକାଇଛନ୍ତି। ତା' ସହ ସେ ନିଜକୁ ଆଉ ଏକ କାମରେ ବ୍ୟସ୍ତ ରଖିଛନ୍ତି। ତାହା ହେଲା ଫଟୋଗ୍ରାଫି। ପୁଣି ମାଲେସିଆରେ ସେ ପ୍ରେମରେ ପଡିଯାଇଛନ୍ତି। କାହା ପ୍ରେମରେ ଜାଣନ୍ତି ? ପ୍ରକୃତି ପ୍ରେମରେ। ଅର୍ଥାତ୍, ପ୍ରାକୃତିକ ଦୃଶ୍ୟରାଜିକୁ ଉପଭୋଗ କରିବା ସହ ସେଭଳି ମନଲୋଭା ଦୃଶ୍ୟଗୁଡିକୁ ନିଜ କ୍ୟାମେରାରେ କଏଦ କରିବାକୁ ଭୁଲୁ ନାହାନ୍ତି ସେ। ଏ ନେଇ ସାରା କହନ୍ତି, 'ମୁଁ ଜଣେ ନେଚର ଲଭର୍। ପ୍ରକୃତି ମା' କୋଳରେ ଅନେକ ଜିନିଷ ରହିଛି। ଏହାର ମନଲୋଭା ଦୃଶ୍ୟ ବେଶ୍ ମନୋରମ। ସେଗୁଡିକୁ ନେଇ ଭଲ କାହାଣୀଟିଏ ରଚନା କରାଯାଇପାରେ। ଏବେ ମୋତେ ଶୁଟିଂରୁ ପ୍ରାୟ ଦୁଇ ସପ୍ତାହ ବ୍ରେକ୍ ମିଳିଛି। ତେଣୁ ମାଇଣ୍ଡ ଫ୍ରେସ୍ କରିବାକୁ ମୁଁ ମାଲେସିଆରେ ଅଛି। ସେଠାକାର ପ୍ରାକୃତିକ ଦୃଶ୍ୟର ଫଟୋ ଉଠାଇବା ସହ ସେହି ସ୍ଥାନର ଐତିହ୍ୟ ବିଷୟରେ ବୁଝିନେଉଛି।'

# ଗିଟାର ପ୍ରିୟ ଆହାନ୍

ସୁନୀଲ ସେଟ୍ଟିଙ୍କ ପୁତ୍ର ଆହାନ୍। ପ୍ରଥମ ସିନେମା 'ତଡପ' ଗତ ବର୍ଷ ଡିସେମ୍ବର ୩ ରେ ପରଦା ଉପରକୁ ଆସିଥିଲା। କିନ୍ତୁ ଫିଲ୍ମଟି ଆଶାନୁରୂପ ବିଜନେସ କରିବାରେ ବିଫଳ ହୋଇଥିଲା। ତେବେ ଆହାନଙ୍କର ଏକ ଅଭ୍ୟାସ ରହିଛି। ସେ ବାହାରକୁ ଗଲେ ସାଙ୍ଗରେ ଗୋଟିଏ ଜିନିଷ ନେବାକୁ ଆଦୌ ଭୁଲନ୍ତି ନାହିଁ। ତାହା ହେଲା ଗିଟାର। ପିଲାଟି ଦିନରୁ ଗିଟାର ବଜାଇବା ପ୍ରତି ଆକର୍ଷିତ ହୋଇଥିଲେ ସେ। କେବଳ ସେତିକି ନୁହେଁ, ଗିଟାର ବଜାଇ ସେ ଗୀତ ଗାଇପାରନ୍ତି। ଆମେରିକାର ଏକ ବିଶ୍ୱବିଦ୍ୟାଳୟରୁ ଅଭିନୟରେ ଡିଗ୍ରୀ ହାସଲ କରିଛନ୍ତି ସେ। ତାଙ୍କର ପ୍ରିୟ ଖେଳ ହେଉଛି ଫୁଟବଲ୍। ଆହାନ୍ କହନ୍ତି, 'ଗିଟାର ପ୍ରତି ଯେତେବେଳେ ମୁଁ ଆକର୍ଷିତ ହେଲି ସେତେବେଳେ ମୋର ଏପରି ହାବିଟ୍‌କୁ ମୋ ପାପା ପ୍ରଶଂସା କରିବା ସହ ମୋତେ ଉଭୟ ଅଭିନୟ ଏବଂ ଗିଟାର ବଜାଇବା ପାଇଁ ଉତ୍ସାହିତ କରିଥିଲେ। ଏବେ ମୁଁ ଗିଟାର ବଜାଇବା ସହ ଗୀତ ଗାଉଛି। ଆକ୍ଟିଂ ସହ ଏହାକୁ ମଧ୍ୟ ଚାଲୁ ରଖିବି।'



ଆହାନ୍

# ଏଇ ବୋଧେ ଭଲ ପାଇବା

ପ୍ରେମରେ ଅନେକ ଘଟଣା ଘଟିଥାଏ। ତେବେ ତା' ଭିତରେ ପ୍ରେମର ଅସଲ ମଜା ଲୁଚି ରହିଥାଏ। ଆଉ ଏପରି ଏକ ଭିନ୍ନ ଧରଣର ପ୍ରେମ କାହାଣୀକୁ ଆଧାର କରି ପ୍ରସ୍ତୁତ ହୋଇଛି ନୂଆ ଓଡ଼ିଆ ସିନେମା 'ଏଇ ବୋଧେ ଭଲ ପାଇବା'। ନବାଗତ ପ୍ରଯୋଜକ ଆଲେକଜାଣ୍ଡର ଦାସ ଏବଂ ସିଦ୍ଧାର୍ଥ ପାତ୍ର ଏହି ଫିଲ୍ମ ମାଧ୍ୟମରେ ଓଲିଉଡ୍‌ରେ ଏଣ୍ଟ୍ରି କରୁଛନ୍ତି। ଚିତ୍ରଟିର ନିର୍ଦ୍ଦେଶନା ଦାୟିତ୍ୱ ସମ୍ଭାଳିଛନ୍ତି କୋରିଓଗ୍ରାଫର-କମ୍-ଡିରେକ୍ଟର ସୁଧାକର ବସନ୍ତ। ରଞ୍ଜନ କୁମାର ଦାସଙ୍କ କାହାଣୀକୁ ଆଧାର କରି ଚିତ୍ରନାଟ୍ୟ ସହ ସଂଳାପ ରଚନା କରିଛନ୍ତି ଓଡ଼ିଆ ସିନେମାଜଗତର ଆଗଧାଡ଼ିର ସଂଳାପକାର ଡ. ରଜନୀ ରଞ୍ଜନ। 'ଏକ ନିଚ୍ଛକ ଓଡ଼ିଆ କାହାଣୀକୁ ନେଇ ଫିଲ୍ମଟି ନିର୍ମିତ ହେଉଛି। ଏହାର କାହାଣୀ ଯେତେବେଳେ ମୁଁ ପଢ଼ିଲି ସେତେବେଳେ ତାହା ମୋତେ ବେଶ୍ ପ୍ରଭାବିତ କରିଥିଲା। ଏହି ସିନେମାର ସଂଳାପରେ କ'ଣ ବିଶେଷତ୍ୱ ରହିଛି ତାହା ଦର୍ଶକ ଫିଲ୍ମଟି ଦେଖିଲେ ହିଁ ଜାଣିପାରିବେ ବୋଲି କହନ୍ତି ରଜନୀ।' କଳିଙ୍ଗ ସୂର୍ଯ୍ୟ ସିନେ ପ୍ରଡକ୍ସନ ବ୍ୟାନରରେ ଏହାର ଲିଡ୍ ରୋଲ୍‌ରେ ଦୀପକ ଅଭିନୟ କରିଛନ୍ତି ଏବଂ ତାଙ୍କ ସହ ସ୍କ୍ରିନ୍ ଶେୟାର କରଛନ୍ତି ଅନୁଭା ସୌର୍ଯ୍ୟା। ଅନ୍ୟପକ୍ଷରେ ଏହି ଫିଲ୍ମର ବିଭିନ୍ନ ଭୂମିକାରେ କୁନା ତ୍ରିପାଠୀ, ସରୋଜ ଦାସ, ନନସେନ୍ସ ମଣି, ପ୍ରତିଭା ପଣ୍ଡା, ମଧୁ ପ୍ରମୁଖ କଳାକାରଙ୍କୁ ଦେଖିବାକୁ ମିଳିବ।

ଅନୁଭା-ଦୀପକ



# ଭାଗ୍ୟବତୀ ସାହେର

ନବାଗତା ସାହେର ବମ୍ବା। ୨୦୧୯ରେ ମୁକ୍ତିଲାଭ କରିଥିବା 'ପଲ୍ ପଲ୍ ଦିଲ୍ କେ ପାସ୍'ରେ ତାଙ୍କୁ ବ୍ରେକ୍ ମିଳିଥିଲା। ସନ୍ନି ଦେଓଲଙ୍କ ନିର୍ଦ୍ଦେଶନାରେ ତାଙ୍କର ପୁତ୍ର କରନ୍ ଦେଓଲ ଏହାର ନାୟକ ସାଜିଥିଲେ। ନୂଆ ଯୋଡିକୁ ନେଇ ନିର୍ମିତ ଏହି ଫିଲ୍ମଟି ବକ୍ସ ଅଫିସରେ ଆଶାନୁରୂପ ବିଜନେସ୍ କରିପାରି ନ ଥିଲା। ଏପରି କି ତା'ପରେ ସାହେରଙ୍କୁ ଗୋଟିଏ ହେଲେ ନୂଆ ଅଫର ମିଳି ନ ଥିଲା। ହେଲେ ସେଥିରେ ଭାଙ୍ଗି ପଡି ନ ଥିଲେ ଏହି ନବାଗତା। ବର୍ତ୍ତମାନ ସେ କେତୋଟି ୱେବ୍ ସିରିଜରେ ଅଭିନୟ କରୁଛନ୍ତି। ପୁଣି ଖୁବ୍ ଶୀଘ୍ର ତାଙ୍କୁ ଇମ୍ରାନ ହାସମୀଙ୍କ ସହ ଏକ ଭିଡିଓ ଆଲବମ୍‌ରେ ଦେଖିବାକୁ ମିଳିବ। ବଲିଉଡ୍‌ରେ ନିଜ କ୍ୟାରିୟର ବିଷୟରେ ସାହେର କହନ୍ତି, 'ହିନ୍ଦୀ ସିନେମାରେ ମୁଁ ମାତ୍ର ବର୍ଷ କେଇଟା ହେଲା ଆସିଛି। ତେଣୁ ଏଥିରେ ନିଜ କ୍ୟାରିୟରକୁ ନେଇ ଆଦୌ ବିଚଳିତ ନୁହେଁ। ବର୍ତ୍ତମାନ ମୋ ହାତରେ ୨-୩ଟି ଅଫର ରହିଛି। ଏ ନେଇ କିଛି ଫାଇନାଲ ହୋଇନାହିଁ।' ବର୍ତ୍ତମାନ କେତୋଟି ୱେବ୍ ସିରିଜର ଶୁଟିଂରେ ନିଜକୁ ବ୍ୟସ୍ତ ରଖିଛି। ତେବେ ନାୟିକା ଦୌଡରେ ସାହେର ନିଜକୁ କେବେ ସାମିଲ କରିବାରେ ସକ୍ଷମ ହେଉଛନ୍ତି ତାହା ଦେଖିବାକୁ ବାକି ରହିଲା।



ସାହେର



ସାରା

# ଦିନ କେଇଟା ପରେ..

ଆଉ ଅଳ୍ପ ଦିନର ଅପେକ୍ଷା। ଯେଉଁ ତାରିଖକୁ ସେ ଚାହିଁ ବସିଥିଲେ ତାହା ଶେଷରେ ଫାଇନାଲ ହୋଇଛି। ସେହି ଶୁଭ ଦିନକୁ ଅପେକ୍ଷା କରିଛନ୍ତି ଆଲିୟା। କଥା କ'ଣ କି ଆଲିୟା ଭଟ୍ଟଙ୍କ ଅଭିନୀତ 'ଗଙ୍ଗୁବାଈ କାଠିଆୱାଡ଼ି' ଚଳିତ ମାସ ୨୫ରେ ରିଲିଜ ହେବାକୁ ଯାଉଛି। ସଞ୍ଜୟ ଲୀଲା ଭଁସାଲୀଙ୍କ ନିର୍ଦ୍ଦେଶିତ ଏହି ଫିଲ୍ମରେ ଆଲିୟା ଭଟ୍ଟ ଟାଇଟଲ ଭୂମିକାରେ ଅଭିନୟ କରିଛନ୍ତି। କେବଳ ସେତିକି ନୁହେଁ, ଏହି ଭୂମିକା ତାଙ୍କ କ୍ୟାରିୟରରେ ନୂଆ ମୋଡ ଆଣିବ ବୋଲି ଆଶା ରଖିଛନ୍ତି। ଏ ବିଷୟରେ ଆଲିୟା କହନ୍ତି, 'ଯାହାହେଉ ଶେଷରେ ଫିଲ୍ମଟି ରିଲିଜ ହେବାକୁ ଯାଉଛି। କାରଣ ଏଥିରେ କରୋନା ମହାମାରୀ ବାଧକ ସାଜୁଥିଲା। ଏହି ଫିଲ୍ମଟି ଚଳିତ ମାସ ୨୫ରେ ରିଲିଜ ହେଉଛି। ଏପରି ଏକ ଭିନ୍ନ ଧରଣର ଭୂମିକା ପାଇଁ ବେଶ୍ ପରିଶ୍ରମ କରିଛି। ମୋଟ ଉପରେ ନିର୍ଦ୍ଦେଶକ ମୋତେ ଯେଉଁ ସାହାଯ୍ୟ କରିଛନ୍ତି ତାଙ୍କୁ ଯେତେ ଧନ୍ୟବାଦ ଦେବି ତାହା କମ୍ ହେବ।' ଏହି ଫିଲ୍ମର ପ୍ରଯୋଜନା କରିଛନ୍ତି ସଞ୍ଜୟ ଲୀଲା ଭଁସାଲୀ ଏବଂ ଜୟନ୍ତିଲାଲ୍ ଗଡ଼ା। ଏହାର ବିଭିନ୍ନ ଭୂମିକାରେ ଅଭିନୟ କରିଛନ୍ତି ଶାନ୍ତନୁ ମାହେଶ୍ୱରୀ, ବିଜୟ ରାଜ୍, ଇନ୍ଦିରା ତିୱାରୀ, ସୀମା ପାୱା, ବରୁଣ କପୁର ପ୍ରମୁଖ କଳାକାର। ଏମାନଙ୍କ ବ୍ୟତୀତ ଅଜୟ ଦେବଗନ, ଇମ୍ରାନ ହାସମୀ ଏବଂ ହୁମା କୁରେସୀଙ୍କୁ ଅତିଥି କଳାକାର ଭାବରେ ଦେଖିବାକୁ ମିଳିବ।



ଆଲିୟା

# ଦୋଛକିରେ ପରିଣୀତି

ପରିଣୀତି ଚୋପ୍ରା ଗୋଟିଏ କଥାକୁ ନେଇ ଦୋଛକିରେ ପଡିଯାଇଛନ୍ତି। କଥା କ'ଣ କି ତାଙ୍କୁ ଅଫର ମିଳିଥିବା ଏକ ନୂଆ ସିନେମାରେ ନିଜ ଭୂମିକାକୁ କିପରି ତୁଲାଇବେ ସେ ନେଇ ଟେନସନ୍‌ରେ ଅଛନ୍ତି ଏହି ଅଭିନେତ୍ରୀ। ଉକ୍ତ ନୂଆ ଚଳଚ୍ଚିତ୍ରର ଟାଇଟଲ ଫାଇନାଲ ହୋଇନାହିଁ। ଏଥିରେ ପରିଣୀତିଙ୍କୁ କେତୋଟି ଆକ୍ସନ ଶଟ୍ ଦେବାର ଅଛି। ତେଣୁ ଏଭଳି ରୋଲ୍‌କୁ କିପରି ତୁଲାଇବେ ତାହା ତାଙ୍କ ପାଇଁ ଟେନସନ୍‌ର କାରଣ ହୋଇଛି। ଏ ନେଇ ପରିଣୀତି କହନ୍ତି, 'ଏହି ଫିଲ୍ମର କାହାଣୀ ଜଣେ ଯୁବତୀର ସଂଘର୍ଷମୟ ଜୀବନୀ ଉପରେ ଆଧାରିତ। ନିଜ ଲକ୍ଷ୍ୟ ପଥରେ ଆଗେଇବା ସମୟରେ ସେ ଅନେକ ବାଧାବିଘ୍ନର ସମ୍ମୁଖୀନ ହେଉଛି। ପରବର୍ତ୍ତୀ ସମୟରେ ତା' ଜୀବନରେ ଏକ ଟର୍ନିଂ ପଏଣ୍ଟ ଆସୁଛି, ଯାହା ତାକୁ ନୂଆ ବାଟ ଦେଖାଇଛି। ଖାସ୍ କଥା ହେଲା, ଏହି ଫିଲ୍ମରେ ମୋତେ କେତୋଟି ଆକ୍ସନ ଶଟ୍ ଦେବାକୁ ପଡିବ। ସେ ନେଇ ନିଜକୁ ପ୍ରସ୍ତୁତ କରିବା ଆରମ୍ଭ କରିଦେଇଛି। ଏହି ଭୂମିକାକୁ ନେଇ ବେଶ ଆଶାବାଦୀ ଅଛି। ତେବେ ସବୁକିଛି ଦର୍ଶକଙ୍କ ଉପରେ ନିର୍ଭର କରେ।' ତେବେ ଉକ୍ତ ସିନେମାକୁ ନେଇ ପରିଣୀତୀ ଯେଉଁ ଆଶା ବାନ୍ଧିଛନ୍ତି ତାହା ସଫଳ ହେଉଛି କି ନାହିଁ ଦେଖିବାକୁ ବାକି ରହିଲା।



ପରିଣୀତି

# ଅଭିମାନିନୀ ସୁନାହରିଣୀ, ଲାଜରେ ଲୁଚିଛି ପ୍ରେମ କାହାଣୀ...

**ପ୍ରଶ୍ନ**–ମୋ ପ୍ରିୟା ସବୁବେଳେ ମୋ ଉପରେ ଅଭିମାନ କରୁଛି। ତାକୁ କିପରି ମନାଇବି ଜାଣିପାରୁନାହିଁ। ମୋତେ କିଛି ଉପାୟ ବତାନ୍ତୁ ?

*–ବିଜୟ ସାହୁ, ବାଲେଶ୍ୱର*

**ଉତ୍ତର:** ଅଭିମାନ ହେଉଛି ପ୍ରେମର ଅନ୍ୟତମ ଗହଣା। ସେହି ଅଭିମାନକୁ ଭଲ ଭାବରେ ପଢ଼ିବାକୁ ଚେଷ୍ଟା କରନ୍ତୁ। କାରଣ ଅନେକ ସମୟରେ ସେହି ଅଭିମାନରେ ମନର ଅନେକ କଥା ଲୁଚି ରହିଥାଏ। ସେ ସିନା ଅଭିମାନ କରିଛି, ହେଲେ ତା' ଲାଜରେ ଅନେକ କଥା ଲୁଚି ରହିଛି। 'ଅଭିମାନିନୀ ସୁନାହରିଣୀ, ଲାଜରେ ଲୁଚିଛି ପ୍ରେମ କାହାଣୀ।' ତେଣୁ ପ୍ରେମିକାର ଅଭିମାନକୁ ନେଇ ଟେନସନ୍ ନିଅନ୍ତୁ ନାହିଁ। ବାସ୍, ତା' ମନର ଭିତିରି କଥାକୁ ଭଲ ଭାବରେ ଷ୍ଟଡି କରନ୍ତୁ। ଦେଖିବେ ସେହି ଅଭିମାନୀ ହସରେ ଆପଣଙ୍କ ପ୍ରେମର ଅସଲ ମଜା ଲୁଚି ରହିଥିବ।

**ପ୍ରଶ୍ନ**–ଯାହାକୁ ପ୍ରେମ କରୁଥିଲି ତାକୁ ବାହା ହୋଇଛି। ହେଲେ ଏବେ ଆଉ ଜଣେ ସୁନ୍ଦରୀ ମୋତେ ତା' ପ୍ରେମ ଜାଲରେ ବାନ୍ଧି ଦେଇଛି। କ'ଣ କରିବି ଜାଣିପାରୁନାହିଁ।

*–ବିବେକ କୁମାର, କୋରାପୁଟ*

**ଉତ୍ତର:** ଯାହାକୁ ଭଲ ପାଉଥିଲେ ତାହାକୁ ତ ଜୀବନ ସାଥୀ ଭାବରେ ଗ୍ରହଣ କରିସାରିଲେଣି। ଏବେ ପୁଣି ଆଉ ଜଣେ ସୁନ୍ଦରୀ ମାୟାରେ ପଡିଯାଇଛନ୍ତି। ଏହାର ଅର୍ଥ ଜାଣତରେ ହେଉ ଅବା ଅଜାଣତରେ ଆପଣ ନିଜ ଗୋଡରେ କୁରାଢ଼ି ମାରୁଛନ୍ତି। ଘର ସଂସାର କରିବା ପରେ ପୁଣି ଥରେ ପ୍ରେମ କାଦୁଅରେ ଗୋଡ ପୁରାଇବା ଅର୍ଥ ଅଯଥା ଟେନସନ୍‌କୁ ହାତ ଠାରି ଡାକିବା। ଯଦି ତା' ମାୟାଜାଲରେ ଥରେ ବନ୍ଧା ପଡିଗଲେ, ତେବେ କଥାଟି 'ବୁଡିଗଲା ଗୋଡ ତଳକୁ ତଳକୁ'ପରି ହେବ।

**ପ୍ରଶ୍ନ**–ସେହି ସୁନ୍ଦରୀର ଲାଜରେ ପ୍ରେମର ଇସାରା ପାଇବା ପରେ ଆଗେଇଥିଲି। ହେଲେ ଏବେ ଜାଣୁଛି ସେ ମୋ ସହ ମିଛ ନାଟକ କରୁଥିଲା। ବର୍ତ୍ତମାନ ମୁଁ କଣ କରିବି ?

*–ତପନ ରାଉତ, ପୁରୀ*

**ଉତ୍ତର:**ଯେତେବେଳେ ସେହି ସୁନ୍ଦରୀର ପ୍ରେମ ଇସାରାରେ ଆପଣ ବନ୍ଦୀ ହୋଇଗଲେ ସେତେବେଳେ ସେହି ଝିଅର ମନର କଥାକୁ ଭଲ ଭାବରେ ପଢ଼ିନାହାନ୍ତି। କାରଣ ସବୁ ହସ ପଛରେ ପ୍ରେମ ଲୁଚି ରହି ନ ଥାଏ। କେତେକ ହସରେ ଏପରି ଭାଇରସ୍ ଥାଏ ଯେ, ତାହାର ଦଂଶନ ସାରା ଜୀବନ ଅନୁଭୂତ ହୋଇଥାଏ। ଏବେ ଯଦି ସେ ପ୍ରେମିକାର ଅସଲ ରୂପ ଜାଣିସାରିଲେଣି, ତେବେ ବିଳମ୍ବ କରି କିଛି ଫାଇଦା ନାହିଁ। କାରଣ ସେହି ବହୁରୂପୀ ପ୍ରେମିକାକୁ ନେଇ ଯଦି ଆଗକୁ ଆଗାନ୍ତି ତେବେ ଆପଣଙ୍କ ପ୍ରେମର ଯନ୍ତ୍ରଣା ସେତେ ବଢ଼ି ଚାଲିବ। ତେଣୁ ସେଭଳି ପ୍ରେମିକା ଆଉ ପ୍ରେମକୁ ଯେତେ ଶୀଘ୍ର ଗୁଡବାୟ କରିବେ ତାହା ଆପଣଙ୍କ ପାଇଁ ଭଲ ହେବ।

**ପ୍ରଶ୍ନ**–ଯାହାକୁ ମୋ ଜୀବନର ସବୁ କିଛି ଉତ୍ସର୍ଗ କରି ପ୍ରେମ କରୁଥିଲି ସେ ମୋତେ ଧୋକା ଦେଇ ଚାଲିଗଲା। ମୋ ମନକୁ ବୁଝାଇ ଏବେ ମୁଁ ଆଉ ଜଣେ ଝିଅକୁ ଭଲ ପାଇବି ବୋଲି ଚିନ୍ତା କରୁଛି। ଏ ନେଇ ଆଗେଇବା ଠିକ୍ ହେବ ତ ?

*–ସୁବ୍ରତ ସାହୁ, କଟକ*

**ଉତ୍ତର:** ଯେଉଁ ପ୍ରେମରେ ଧୋକା ଖାଇଥିଲେ ସେଭଳି ପ୍ରେମକୁ ଯଦି ସବୁବେଳେ ମନେ ପକାଇବେ ତେବେ ତାହା ମନ ଭିତରେ ସେମିତି ଧୁକୁ ଧୁକୁ ହୋଇ ଜଳୁଥିବ ଆଉ ତାହାର ପ୍ରଭାବରେ ନା ଆପଣ ଆଗକୁ ଯିବେ ନା ସେହି ପ୍ରେମକୁ ଭୁଲିପାରିବେ। ତେଣୁ ପ୍ରଥମେ ସେହି ପ୍ରେମରେ ସବୁଦିନ ପାଇଁ ପୂର୍ଣ୍ଣଚ୍ଛେଦ ଟାଣି ଦିଅନ୍ତୁ। ଯଦି ପୁଣି ଥରେ ପ୍ରେମ କରିବାକୁ ମନ ବଳାଇଛନ୍ତି ତେବେ ପୁରୁଣା ଭୁଲ୍‌ର ଯେମିତି ପୁନରାବୃତ୍ତି ନ ହୁଏ ସେ ନେଇ ନଜର ଦିଅନ୍ତୁ। ନ ହେଲେ ପୁଣି ପ୍ରଥମ ପ୍ରେମର ପରିସ୍ଥିତି ଯେ ସୃଷ୍ଟି ନ ହେବ ତାହାର ଗ୍ୟାରେଣ୍ଟି କେହି ଦେଇପାରିବେ ନାହିଁ।




## ପ୍ରଥମ ରୋଜଗାର



# ପ୍ରଥମ ରୋଜଗାର ଟଙ୍କା ବୋଉ ହାତରେ ଦେଇଥିଲି

ଲେଖିକା **ସତ୍ୟବତୀ ସ୍ୱାଇଁ** ନିଜ ପ୍ରଥମ ରୋଜଗାର ସମ୍ପର୍କରେ ଯାହା କୁହନ୍ତି...

ପ୍ରଥମ ରୋଜଗାର ଖୁସିକୁ ପ୍ରକାଶ କରିବାକୁ ମୋ ପାଖେ ଶବ୍ଦ କ'ଣ ଅଛି! ଏମିତି ଲାଗିଥିଲା ଏହା ମୋତେ ବେଜାଏ ଖୁସି ସହ ମେଞ୍ଚାଏ ଆତ୍ମବିଶ୍ୱାସ ଦେଇଥିଲା। ମୋ ବୋଉର ଖଡୁ ବିକି ମୁଁ ରେଭେନ୍ସାରେ ଆଡ଼ମିଶନ୍ କରିଥିଲି। ଆମ ଅଞ୍ଚଳର ମୁଁ ଥିଲି ପ୍ରଥମ ସାଇକେଲ ଚଢାଳି ଏବଂ ମାଟ୍ରିକ୍‌ରେ ଅଧିକ ନମ୍ବର ରଖି ପ୍ରଥମ ଶ୍ରେଣୀରେ ପାସ୍ କରିଥିବା ପ୍ରଥମ ଝିଅ। ଅଭାବୀ ଘର ନୁହେଁ ତଥାପି ଚାଷୀ ଘର ପିଲା। ମାତ୍ର ବନ୍ୟାରେ ଆମର ସବୁ ଜମି ଧୋଇ ହୋଇ ଯାଇଥାଏ। ଖାଇବାକୁ ମିଳୁ ନ ଥାଏ। ଭାଇ ପଚାରିଲେ "ତୁ କେଉଁଠି ପଢିବୁ ?" ମୋର ଉତ୍ତର ଥିଲା ରେଭେନ୍ସା। ପ୍ରଥମ ସିଲେକ୍ସନରେ ମୋ ପାଖକୁ ଆଡ଼ମିଟ୍ କାର୍ଡ ଆସିଗଲା। କିନ୍ତୁ ଭାଳେଣି ପଡିଲା ଟଙ୍କା କେଉଁଠୁ ଆସିବ। ବୋଉର ରୁପା ଖଡୁ ଯାହାକି ପାଖାପାଖି ତିରିଶି ଭରି ଥିଲା ; ସେଇଟି ବିକ୍ରି କରି ରେଭେନ୍ସାରେ ମୋ ନାଁ ଲେଖା ହେଲା। ଗୋଟେ କାଠ ବାକ୍ସ ଭର୍ତ୍ତି ରୁପା ଗହଣା ଓ କେତୋଟି ରୁପା ଟଙ୍କା ମୋ ପଢ଼ାରେ ବିନିଯୋଗ ହୋଇଥିଲା। +୩ ପ୍ରଥମ ବର୍ଷ ହୋଇଥାଏ। ଛୁଟିରେ ଗାଁକୁ ଆସିଥାଏ। ତିନୋଟି ପିଲା ମାଟ୍ରିକ୍‌ରେ ବିଜ୍ଞାନ, ସଂସ୍କୃତ ଓ ଇଂରାଜୀ ବିଷୟରେ ଫେଲ୍ ହୋଇଥିବାରୁ ସପ୍ଲିମେଣ୍ଟାରୀ ପରୀକ୍ଷା ଦେବାକୁ ଫର୍ମ ଫିଲପ୍ କରିଥାନ୍ତି। ସେମାନଙ୍କ ବାପାମା' ମୋ ପାଖକୁ ଆସି ବହୁ ଅନୁନୟ ବିନୟ ହେଲେ ତାଙ୍କ ପିଲାଙ୍କୁ ଛୁଟିରେ ଟିକେ ପଢେଇବାକୁ। ମୋ ଭାଇ ମନା କଲେ ଆଉ କହିଲେ, ଯଦି ସେମାନଙ୍କୁ ପଢେଇବୁ ତା'ହେଲେ ତୁ କେତେବେଳେ ପଢିବୁ କହ। ଭାରି କାନ୍ଦୁଣୁ ମାନ୍ଦୁଣୁ ହେଲେ ସେଇ ତିନୋଟି ପିଲାଙ୍କ ବାପାମା'। ମାସେ ତ ଛୁଟି ଅଛି ଆସନ୍ତୁ ବୋଲି ଭାଇଙ୍କୁ ବୁଝାଇଲି। ମାସେ ପନ୍ଦର ଦିନ ପରେ ସେମାନଙ୍କ ପରୀକ୍ଷା ହେଲା। ଆଶ୍ଚର୍ଯ୍ୟ ଚକିତ କରି ସେ ତିନି ଜଣ ପିଲା ସେକେଣ୍ଡ କ୍ଲାସ ନମ୍ବର ରଖିଲେ ସେଇ ନିର୍ଦ୍ଦିଷ୍ଟ ତିନୋଟି ବିଷୟରେ। ଭଲ ପଢିବା ଝିଅ ହିସାବରେ ରେକର୍ଡ ତ ଥିଲା। ଏ ତିନି ଜଣ ପିଲା ପାସ୍ କରିବା ପରେ ଗୋଟେ ହାଇସ୍କୁଲ ମୋତେ ପନ୍ଦର ଦିନେ ଥରେ କଲେଜରୁ ଆସି ଇଂରାଜୀ କ୍ଲାସ ନେବାକୁ ଡାକିଲେ କିନ୍ତୁ ଭାଇ ମନା କଲେ। ଏଠାରେ କହି ରଖେ ଯେ, ସେ ତିନି ପିଲାଙ୍କଠାରୁ ଗୋଟେ ପଇସା ଆଣି ନ ଥିଲି ; ମାତ୍ର ଏହା ପରଠାରୁ ପଢାଇବା ପାଇଁ ମୋର ଏତେ ଡିମାଣ୍ଡ ହେଲା ଯେ ପାଖ ଆଖ ପାଞ୍ଚ/ଛଅ ଖଣ୍ଡି ଗାଁର ଦଶମ ଶ୍ରେଣୀ ପିଲା ଦିନେ ଦୁଇ ଦିନ ଘରକୁ ଗଲେ ବି ପଢିବାକୁ ଆସିଲେ। ଏହା ପରଠାରୁ ମୋ ଜୀବନ ରାସ୍ତା ବଦଳି ଗଲା। +୩ ଫାଇନାଲ ପରୀକ୍ଷା ଦେଇ ଗାଁକୁ ଯାଇଥାଏ। ଆମ ଘରେ ପିଲାଙ୍କ ଭିଡ଼। ଦୁଇଜଣ ପିଲା ମାସ ଶେଷରେ ୧୬୦ ଟଙ୍କା ଆଣି ବହି ଖାତା କିଣିବା ପାଇଁ ସେମାନଙ୍କ ବାପା ଦେଇଛନ୍ତି କହି ଦେଲେ। ସେଇ ଥିଲା ମୋ ଜୀବନର ପ୍ରଥମ ରୋଜଗାର ; ଯାହାକୁ ମୁଁ ମୋ ବୋଉ ହାତକୁ ଖୁସିରେ ବଢେଇ ଦେଇଥିଲି, ନେ ପାନ ଖାଇବୁ ବୋଲି। ବୋଉର ପାନ ପ୍ରତି ଥିଲା ବହୁତ ଦୁର୍ବଳତା। ସେ ବଲ ବଲ ହୋଇ ମୋ ମୁହଁକୁ ଚାହିଁ ରହିଲା। ତା' ଚାହିଁବା ଜଣେଇ ଦେଉଥିଲା ଯେ ମୁଁ ଯେମିତି ଏକ ଅସାଧାରଣ କାର୍ଯ୍ୟ କରିଛି। କଥା ହେଲା ମୋର ଜନ୍ମ ହେବାକୁ ନେଇ ବୋଉ ସେହି ସମୟରେ ଆଦୌ ମାନସିକ ଭାବରେ ପ୍ରସ୍ତୁତ ନଥିଲା। ମୁଁ ଏମିତି ଜବରଦସ୍ତ ଭାବରେ ପୃଥିବୀକୁ ଆସିଯାଇଥିଲି ସମସ୍ତଙ୍କ ନଚାହିଁବା ସତ୍ତ୍ୱେ। ତେବେ ସେ ଯାହା ହେଉ ଆସ୍ତେଆସ୍ତେ ମୋ ପାଖେ ପଢିବାକୁ ପିଲାଙ୍କ ସଂଖ୍ୟା ବଢିଲା। ମାସକ ପରେ ମୋ ପାଖରେ ଛଅ ହଜାର ଟଙ୍କା ହୋଇ ଯାଇଥିଲା ସେଇ ପଢେଇବାରୁ। ତେଣୁ ଏମ୍.ଏ. ଓ ବିଇଡି ପଢିବା ଖର୍ଚ୍ଚ ଆଉ ଘରୁ ନେଇ ନଥିଲି। ବରଂ ମୋ ଭାଇଙ୍କ ପିଲାଙ୍କ ପାଇଁ ଡ୍ରେସ୍ ପତ୍ର ଓ ବହି ଖାତା କିଣି ଦେବାରେ ସମର୍ଥ ହୋଇଥିଲି। ଆଜି ହୁଏତ ସେଇ ଅବସ୍ଥା ମୋର ନାହିଁ। ବଡ଼ ଘର ବୋହୂ ଏବଂ ଅଧିକ କିଛି ରୋଜଗାର ପାଇଁ ସରକାରୀ ଚାକିରୀଟାଏ ଅଛି, କିନ୍ତୁ ପ୍ରଥମ ୧୬୦ ଟଙ୍କାକୁ ହାତରେ ଧରିବା ବେଳର ସେହି ମାନସିକ ସ୍ତରର ଅନୁଭବ ଓ ଖୁସି ଏଯାଏଁ ଆଉ ପାଇ ନାହିଁ।







# ଏଠି ମନା

**ସବୁ ଦେଶର କିଛି ନିୟମ କାନୁନ ଥାଏ। ଆଉ ସେଠାକୁ ଗଲେ ତାକୁ ମାନିବାକୁ ହୁଏ। ତେବେ କିଛି ଦେଶରେ ଏମିତି ବି କିଛି ଛୋଟ ଛୋଟ କଥାଉପରେ କଟକଣା ଅଛି, ଯାହା ସମ୍ପର୍କରେ ଜାଣି ଆଶ୍ଚର୍ଯ୍ୟ ହେବେ। ଆଉ ଯଦି ନ ଜାଣି ସେହି କଟକଣାକୁ ଭାଙ୍ଗନ୍ତି ତେବେ ଦଣ୍ଡନୀୟ ଅପରାଧର ଅନ୍ତର୍ଭୁକ୍ତ ହୋଇଯିବେ..**

**ବେବି ୱାକର୍:** ପିଲାଙ୍କୁ ଚାଲିବା ଶିଖିବା ପାଇଁ ଅନେକେ ବେବି ୱାକର୍ ବ୍ୟବହାର କରନ୍ତି। କିନ୍ତୁ ଆପଣ ଯଦି କାନାଡାରେ ଅଛନ୍ତି ତେବେ ଏହାକୁ ଜମାରୁ ବ୍ୟବହାର କରିବେ ନାହିଁ। କାରଣ ୨୦୦୪ରୁ ଏଠାରେ ଏହାକୁ ବ୍ୟବହାର କରିବା ନିଷିଦ୍ଧ କରାଯାଇଛି। ୯୦ ଦଶକରେ ଏଠାରେ ଅନେକ ପିଲା ବେବି ୱାକର ଦ୍ୱାରା ଦୁର୍ଘଟଣାଗ୍ରସ୍ତ ହୋଇ ଆହତ ହୋଇଥିଲେ। ତେଣୁ ଏଠାରେ ଏହା ଉପରେ ପ୍ରତିବନ୍ଧକ ଲଗାଯାଇଛି। ଯଦି କେହି ଏହାକୁ ବ୍ୟବହାର କରୁଥିବା ଜଣାପଡେ ତେବେ ତାଙ୍କୁ ୭୫୦୦୦ ଟଙ୍କା ଜରିମାନା ଦେବାକୁ ହେବ।

**ଚୁଇଂଗମ୍ ଖାଇବା:** ସିଙ୍ଗାପୁରରେ ଚୁଇଂଗମ୍ ଖାଇବା ମନା। କେବଳ କିଛି ଚୁଇଂଗମ୍ ଯାହାକୁ ମେଡିକାଲ ଟ୍ରିଟମେଣ୍ଟରେ ବ୍ୟବହାର କରାଯାଏ ସେଗୁଡିକୁ ବ୍ୟବହାର କରିହେବ। ଯଦି କେହି ଅନ୍ୟ ସାଧାରଣ ଚୁଇଂଗମ୍ ଖାଉଥିବାବେଳେ ଧରାପଡି ଯାଆନ୍ତି ତେବେ ୫୫୦୦୦ଟଙ୍କା ଜରିମାନା ଦେବାକୁ ପଡିବ।

**ହାଇ ହିଲ୍ସ:** ୨୦୦୯ ପରଠାରୁ ଗ୍ରୀସ୍‌ର ସବୁ ଐତିହାସିକ ସ୍ଥଳରେ ହାଇ ହିଲ୍ସ ପିନ୍ଧିବା ନିଷିଦ୍ଧ କରାଯାଇଛି। ଏଠାକାର କଲ୍‌ଚୁରାଲ ମିନିଷ୍ଟରଙ୍କ ମତରେ ଐତିହାସିକ କିର୍ତ୍ତୀରାଜିଗୁଡିକ ହାଇ ହିଲ୍ସ ପାଇଁ କ୍ଷତିଗ୍ରସ୍ତ ହୋଇପାରନ୍ତି। ତେଣୁ ଏହା ଉପରେ ନିଷିଦ୍ଧାଦେଶ ଜାରି କରାଯାଇଛି।

**ବଡ଼ ପାଟିରେ କଥା ହେବା:** ଅଷ୍ଟ୍ରେଲିଆର ଭିକ୍ଟୋରିଆରେ ବଡ଼ ପାଟିରେ କଥା ହେବା କିମ୍ବା ଜୋର୍ ଭଲ୍ୟୁମ୍ ଦେଇ ଗୀତ ଶୁଣିବା ଉପରେ କଟକଣା ଜାରି କରାଯାଇଛି। ଖାସ୍‌କରି ରାତିରେ ଲୋକ ଶୋଇଥିବାବେଳେ ଏହି ନିୟମ କଡାକଡିଭାବେ ଲାଗୁହୁଏ। ଏହାକୁ ନ ମାନିଲେ ଜରିମାନା ଦେବାକୁ ପଡିବ।

**ଜୋର୍ ପାଟିରେ ଗୀତ ଗାଇବା:** ହାୱାଇକୁ ପୃଥିବୀର ସର୍ବୋତ୍ତମ ସମର୍ ଡେଷ୍ଟିନେସନ୍ ଭାବେ ଗଣନା କରାଯାଏ। ତେବେ ଏଠାକୁ ଯାଇଥିବାବେଳେ ଖୁସିରେ ଜୋର୍ ପାଟିରେ ଗୀତ ଜମାରୁ ଗାଇବେ ନାହିଁ। ଖାସ୍‌କରି ସୂର୍ଯ୍ୟାସ୍ତ ପରେ ତ ଏପରି ଆଦୌ କରିବେ ନାହିଁ। କାରଣ ସୂର୍ଯ୍ୟାସ୍ତ ପରେ ଏଠାରେ ଜୋର୍ ପାଟିକରି ଗୀତ ଗାଇବା ବେଆଇନ୍ ଭାବେ ଘୋଷଣା କରାଯାଇଛି।

**ୱିନି ଦ ପୁ କାର୍ଟୁନ:** ଚାଇନାରେ କିଛି ବ୍ଲଗର୍ ରାଷ୍ଟ୍ରପତି ଜିନ ପିଙ୍ଗଙ୍କର ଫଟୋକୁ ୱିନି ଦି ପୁ କାର୍ଟୁନ କ୍ୟାରେକ୍ଟର ସହ ତୁଳନା କରିଥିଲେ। ଦେଶର ମୁଖ୍ୟଙ୍କୁ କାର୍ଟୁନ ଚରିତ୍ର ସହ ତୁଳନା କରିବାକୁ ପସନ୍ଦ କରାଯାଇ ନ ଥିଲା। ଆଉ ଏହି କାର୍ଟୁନ ଉପରେ ନିଷିଦ୍ଧାଦେଶ ଜାରି କରିଦିଆଗଲା।



**ପାରାଙ୍କୁ ଦାନା ଦେବା:** ଭେନିସ୍‌ରେ ପାରାଙ୍କୁ ଖାଇବାକୁ ଦେବା ଦଣ୍ଡନୀୟ ଅପରାଧ। ଆଉ ଜରିମାନା ଦେବାକୁ ପଡିବ। ଏଠାକାର ସୁନ୍ଦର ପ୍ରତିମୂର୍ତ୍ତି ଓ ସ୍ଥାପତ୍ୟଗୁଡିକ ଉପରେ ବସି ପାରା ମଳ ତ୍ୟାଗ କରୁଥିବାରୁ ଖାସ୍‌କରି ଐତିହାସିକ କଳାକୃତୀ ଥିବା ସ୍ଥାନରେ ପାରାଙ୍କୁ ଖାଇବାକୁ ଦେବା ନିଷେଦ୍ଧ।

**ନୀଳ ଜିନ୍ସ:** ଉତ୍ତର କୋରିଆରେ ବ୍ଲୁ ଜିନ୍ସ ଉପରେ ନିଷିଦ୍ଧାଦେଶ ଜାରି କରାଯାଇଛି। ତେବେ ଲୋକେ ଅନ୍ୟ ରଙ୍ଗର ଜିନ୍ସ ପିନ୍ଧିପାରିବେ। ନୀଳ ରଙ୍ଗ ଆମେରିକା ସହ ଜଡିତ ହୋଇଥିବାରୁ ଏହା ଉପରେ କଟକଣା ଲଗାଯାଇଛି।







ପ୍ରୀତି

## ସୂଚନା

ଏଠାରେ ଫଟୋ ପ୍ରକାଶ ପାଇବା ପାଇଁ କିଛି ଟଙ୍କା ଦେବାକୁ ପଡ଼େନାହିଁ। ଯୋଗ୍ୟ ବିବେଚିତ ଫଟୋ ହିଁ ପ୍ରକାଶ ପାଇବ।

ଆପଣଙ୍କ ମୁହଁ ମଡେଲ ମିରର୍‌ରେ ଦେଖିବାକୁ ଚାହୁଁଥିଲେ
ଯୋଗାଯୋଗ: ଧରିତ୍ରୀ ଛୁଟିଦିନ, ବି-୧୫ ରସୁଲଗଡ଼
ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
ଫୋନ ନଂ: (୦୬୭୪) ୨୫୮୦୧୦୧
ଫଟୋ ସୌଜନ୍ୟ: ଓଡ଼ିଶା ଫ୍ୟାଶନଭିଲ୍ଲା

# ହାଃ ହାଃ

## ମନିଟର୍

ମଣ୍ଟୁ କ୍ଲାସ୍‌ରେ ଖୁବ୍ ଜୋର୍‌ରେ ହସୁଥାଏ। ଏହାଦେଖି ରାକେଶ: ଷ୍ଟାଣ୍ଡ ଅପ୍, ଏତେ ହସୁଛୁ କ'ଣ ?

ମଣ୍ଟୁ: ମତେ ଏ କଥା ପଚାରିବାକୁ ତୁ କିଏ ?

ରାକେଶ: ମୁଁ ମନିଟର୍।

ମଣ୍ଟୁ:ତୁ ମନିଟର ହେଲେ ମୁଁ ସିପିୟୁ। ବୁଝିଲୁ।

## ଆଲୁ

ସ୍ତ୍ରୀ ସ୍ୱାମୀଙ୍କୁ: ଶୁଣିଲ, ରୋଷେଇ ଘରୁ ଟିକେ ଆଲୁ ଦେଲ।

ସ୍ୱାମୀ ବହୁତ ଖୋଜିବା ପରେ: ଏତେ ଖୋଜିଲିଣି ହେଲେ ଆଲୁ କୋଉଠି ଅଛି ପାଉନି।

ସ୍ତ୍ରୀ: ଜାଣିଥିଲି ପରା ତମଦ୍ୱାରା କୋଉ କାମ ଠିକ୍‌ରେ ହେବନି। ସେଥିପାଇଁ ମୁଁ ଆଲୁ ମୋ ସହିତ ଆଗୁଆ ନେଇ ଆସିଥିଲି।

## କୁଣ୍ଡିଆ

ରାଜୁ ବାବାଙ୍କୁ: ବାବା ମୋର ଡାହାଣ ହାତ ପାପୁଲି କୁଣ୍ଡେଇ ହଉଛି।

ବାବା: ବସ୍ ! ଲକ୍ଷ୍ମୀ ଆସିବେ।

ରାଜୁ: ଡାହାଣ ପାଦ କୁଣ୍ଡେଇ ହଉଛି।

ବାବା: ଯାତ୍ରା ଯୋଗ ରହିଛି।

ରାଜୁ: ପେଟ କୁଣ୍ଡେଇ ହଉଛି।

ବାବା:ଉତ୍ତମ ଭୋଜନ ପ୍ରାପ୍ତି ହେବ।

ରାଜୁ: ମୋ ବେକ ବି କୁଣ୍ଡେଇ ହଉଛି।

ବାବା: ଶୀଘ୍ର ଦୂରେଇ ଯାଅ। ତୁମକୁ କୁଣ୍ଡିଆ ରୋଗ ହେଇଛି।

# ପବିତ୍ରମୟ ସ୍ଥାନ ହୋରନାଡୁ

**ଏକ ପବିତ୍ରମୟ ସ୍ଥାନ ଭାବେ ହୋରନାଡୁର ବେଶ୍ ଖ୍ୟାତି ରହିଛି। ଦେବଦେବୀଙ୍କର ମନ୍ଦିର ସାଙ୍ଗକୁ ପାହାଡ, ଝରଣାର ମନୋରମ ଦୃଶ୍ୟ ଏହି ସ୍ଥାନକୁ ଏକ ଭିନ୍ନ ପରିଚିତି ଦେଇଥାଏ। ଯେଉଁଥିପାଇଁ ଟିକେ ଶାନ୍ତି ପାଇବା ଆଶାରେ ଦୂରଦୂରାନ୍ତରୁ ପର୍ଯ୍ୟଟକ ଏଠାକୁ ବୁଲି ଆସିଥାନ୍ତି..**





କର୍ନାଟକର ଚିକ୍କମାଗାଲୁର ଜିଲା ଅନ୍ତର୍ଗତ ଏକ ପବିତ୍ରମୟ ସ୍ଥାନ ହେଉଛି ହୋରନାଡୁ। କାରଣ ଏଠାରେ ରହିଛି ମାତା ଅନ୍ନପୂର୍ଣ୍ଣେଶ୍ୱରୀଙ୍କର ପବିତ୍ର ପୀଠ। ଆକର୍ଷଣୀୟ ବାସ୍ତୁକଳାରେ ନିର୍ମିତ ହୋଇଥିବା ଏହି ମନ୍ଦିରର ଶୋଭା ପର୍ଯ୍ୟଟକଙ୍କୁ ବେଶ୍ ଆକର୍ଷିତ କରିଥାଏ। ତା'ଛଡ଼ା ପ୍ରତ୍ୟେକ୍ଷ ଦେବୀ ଭାବେ ବି ମାତା ଅନ୍ନପୂର୍ଣ୍ଣେଶ୍ୱରୀ ଭକ୍ତଙ୍କ ହୃଦୟରେ ବିରାଜିତା ହୋଇଥିବାରୁ ଏଠାରେ ବର୍ଷସାରା ଭକ୍ତଗଣଙ୍କର ବେଶ୍ ଗହଳି ଦେଖିବାକୁ ମିଳିଥାଏ। କେବଳ ସେତିକି ନୁହେଁ ପାହାଡ, ଝରଣାର ଅପୂର୍ବ ଶୋଭା ବି ଏଠାକୁ ବୁଲି ଆସୁଥିବା ପର୍ଯ୍ୟଟକଙ୍କୁ ବେଶ୍ ବିମୋହିତ କରିଥାଏ।

### କ'ଣ ଦେଖିବେ

ପବିତ୍ରମୟ ସ୍ଥାନ ଭାବେ ପରିଚିତ ହୋରନାଡୁରେ ପର୍ଯ୍ୟଟକ ଅନେକ ଆକର୍ଷଣୀୟ ପର୍ଯ୍ୟଟନସ୍ଥଳୀ ଦେଖିପାରିବେ। ତେବେ ସ୍ଥାନୀୟ ଅଞ୍ଚଳର ସବୁଠାରୁ ଲୋକପ୍ରିୟ ତଥା ପ୍ରସିଦ୍ଧ ପୀଠ ହେଉଛି ଅନ୍ନପୂର୍ଣ୍ଣେଶ୍ୱରୀ ମନ୍ଦିର। ଏହା କର୍ନାଟକସ୍ଥିତ ଏକ ପ୍ରାଚୀନ ମନ୍ଦିର। ଅନ୍ନର ଦେବୀ ମାତା ଅନ୍ନପୂର୍ଣ୍ଣେଶ୍ୱରୀଙ୍କୁ ଏହି ମନ୍ଦିରଟି ସମର୍ପିତ ହୋଇଛି। ଏଠାରେ ସ୍ଥାୟୀ ମୁଦ୍ରାରେ ବିରାଜିତା ହୋଇଥିବା ଦେବୀଙ୍କର ଏକ ଅପୂର୍ବ ପ୍ରତୀମା ଦେଖିବାକୁ ମିଳିଥାଏ। ଏଠାକୁ ଆସୁଥିବା ତୀର୍ଥଯାତ୍ରୀଙ୍କର ବିଶ୍ୱାସ ରହିଛି ଯେ, ଯଦି କୌଣସି ବ୍ୟକ୍ତି ନିଷ୍ଠାର ସହ ମା' ଅନ୍ନପୂର୍ଣ୍ଣେଶ୍ୱରୀଙ୍କୁ ଧ୍ୟାନ କରନ୍ତି, ତା'ହେଲେ ଉକ୍ତ ବ୍ୟକ୍ତି ଜଣଙ୍କ କେବେ ବି ଭୋକ ଉପାସରେ ରୁହନ୍ତି ନାହିଁ। ସେଥିପାଇଁ ବର୍ଷସାରା ଏଠାରେ ଭକ୍ତଗଣଙ୍କର ଭିଡ଼ ଦେଖିବାକୁ ମିଳିଥାଏ। କେବଳ ଏହି ଗୋଟିଏ ମନ୍ଦିର ନୁହେଁ, ପର୍ଯ୍ୟଟକ ଚାହିଁଲେ ଏଠାରେ ଭଗବାନ ଶିବଙ୍କୁ ସମର୍ପିତ କାଳଶେଶ୍ୱର ମନ୍ଦିର ଆଡ଼େ ବି ବୁଲିଯାଇ କିଛିଟା ନିଆରା ଅନୁଭୂତି ସାଉଁଟି ପାରିବେ। ଏସବୁ ବ୍ୟତିତ ହୋରନାଡୁଠାରୁ ପ୍ରାୟ ୬୧ କି.ମି ଦୂରରେ ରହିଛି ଅନ୍ୟ ଏକ ପ୍ରସିଦ୍ଧ ତୀର୍ଥସ୍ଥଳୀ ଶୃଙ୍ଗେରୀ। ଅନ୍ୟପକ୍ଷେ ୨୮ କି.ମି ଦୂରରେ ଥିବା କୁଦ୍ରେମୁଖ ନାମକ ଏକ ଗିରିଶୃଙ୍ଗ ଆଡ଼େ ବି ପର୍ଯ୍ୟଟକ ବୁଲିଯାଇପାରିବେ। ସେହିପରି ହୋରନାଡୁଠାରୁ ପ୍ରାୟ ୧୦ କି.ମି ଦୂରରେ ଥିବା କ୍ୟାତାନମାକ୍କି ନାମକ ପାହାଡ ଏବଂ ୪୫ କି.ମି ଦୂରରେ ଥିବା ହନୁମାନଗୁଣ୍ଡି ନାମକ ଜଳପ୍ରପାତର ଅପୂର୍ବ ଶୋଭା ବି ପର୍ଯ୍ୟଟକଙ୍କୁ ଖୁବ୍ ଆକର୍ଷିତ କରିଥାଏ। ସେଥିପାଇଁ ବର୍ଷସାରା ଏଠାରେ ପର୍ଯ୍ୟଟକଙ୍କର ଗହଳ ଦେଖିବାକୁ ମିଳିଥାଏ।



### କେବେ ଓ କେମିତି ଯିବେ

ଏହି ପବିତ୍ରମୟ ସ୍ଥାନକୁ ବୁଲିଯିବା ପାଇଁ ବର୍ଷର ସବୁ ସମୟରେ ସୁବିଧା ଥିଲେ ହେଁ ସ୍ଥାନୀୟ ପାଣିପାଗ ସୂଚନାକେନ୍ଦ୍ରର ମତାନୁଯାୟୀ, ଅକ୍ଟୋବରରୁ ଏପ୍ରିଲ୍ ହେଉଛି ଏଠାକୁ ବୁଲିଯିବା ପାଇଁ ସବୁଠୁ ଉପଯୁକ୍ତ ସମୟ। ସେହିପରି ଏଠାକୁ ଯିବାପାଇଁ ଗମନାଗମନର ବି ସୁ-ବନ୍ଦୋବସ୍ତ ରହିଛି। ଚିକ୍କମାଗାଲୁରଠାରୁ ପ୍ରାୟ ୯୫ କି.ମି, ମାଙ୍ଗାଲୁରଠାରୁ ପ୍ରାୟ ୧୨୬ କି.ମି ଏବଂ ବାଙ୍ଗାଲୁରଠାରୁ ପ୍ରାୟ ୩୧୬ କି.ମି ଦୂରରେ ରହିଥିବା ହୋରନାଡୁର ନିକଟତମ ମୁଖ୍ୟ ବିମାନବନ୍ଦର ହେଉଛି ମାଙ୍ଗାଲୁର ଇଣ୍ଟର ନ୍ୟାସନାଲ୍ ଏୟାରପୋର୍ଟ। ସେହିପରି ଦେଶର ବିଭିନ୍ନ ସ୍ଥାନରୁ ଏପରିକି ବାଙ୍ଗାଲୁରରୁ ନିୟମିତ ବ୍ୟବଧାନରେ ଟୁରିଷ୍ଟ ବସ୍ ହୋରନାଡୁ ଅଭିମୁଖେ ଯା'ଆସ କରିଥାଏ। ତେଣୁ ପର୍ଯ୍ୟଟକଙ୍କୁ ଯେଉଁଥିରେ ସୁବିଧା ସେଥିରେ ଯାଇ ଆରାମରେ ହୋରନାଡୁରେ ପହଞ୍ଚି ଯାଇପାରିବେ।

### ଟ୍ରେକିଂ ଓ ଜଙ୍ଗଲ ସଫାରୀର ମଜା ନିଆରା

ଯେହେତୁ ଜଙ୍ଗଲ, ପାହାଡର ଅପୂର୍ବ ଶୋଭା ଏଠାରେ ଦେଖିବାକୁ ମିଳିଥାଏ, ତେଣୁ ପର୍ଯ୍ୟଟକ ଏଠାରେ ଟ୍ରେକିଂ ଓ ଜଙ୍ଗଲ ସଫାରୀର ଭରପୂର ମଜା ମଧ୍ୟ ନେଇପାରିବେ।





# ସମୁଦ୍ର ଭିତରେ ପେଣ୍ଟିଂ

ସମୁଦ୍ର ଭିତରର ଦୁନିଆ ବହୁତ ସୁନ୍ଦର। ତା' ମଧ୍ୟସ୍ଥ ଜୀବଜଗତ ତ ଭିନ୍ନ ଏକ ଦୁନିଆ ପରି ଲାଗେ। ହେଲେ ଏହାକୁ ଉପଭୋଗ କରିବାର ସୌଭାଗ୍ୟ ସମସ୍ତଙ୍କର ନ ଥାଏ। କାରଣ ଏହି ଦୃଶ୍ୟକୁ ମନଭରି ଉପଭୋଗ କରିବାକୁ ହେଲେ ସମୁଦ୍ର ଭିତରକୁ ଯିବାକୁ ପଡିବ। ଯାହାକି ସମସ୍ତଙ୍କ ପକ୍ଷେ ସମ୍ଭବ ନୁହେଁ। କେବଳ ସ୍କୁବା ଡାଇଭିଂ ଜାଣିଥିବା ବ୍ୟକ୍ତିଙ୍କ ପକ୍ଷେ ଏହା ସମ୍ଭବ। ଋଷୀୟାରେ ଜନ୍ମିତ ଓଲ୍‌ଗା ବେଲ୍‌କା ଯେକି ଜଣେ ସ୍କୁବା ଡାଇଭିଂ ଟ୍ରେନର୍ ସହ ଚିତ୍ରଶିଳ୍ପୀ, ଲୋକଙ୍କୁ ସମୁଦ୍ର ଭିତରର ସେଇ ସୌନ୍ଦର୍ଯ୍ୟ ଦେଖାଇବାକୁ ଚାହିଁଥିଲେ। ଆଉ ସମୁଦ୍ର ଭିତରକୁ ଡାଇଭିଂ କରି ଯାଇ ପାଣି ଭିତରେ ପେଣ୍ଟିଂ କରିବା ଆରମ୍ଭ କରିଥିଲେ। ତାଙ୍କ ସହ ସେ ମଡେଲ ସେନିଆ ଗଲାଟାଙ୍କୁ ବି ନେଇ ଯାଆନ୍ତି। ଉଭୟେ ଅକ୍ସିଜେନ୍ ଟ୍ୟାଙ୍କ ସାହାଯ୍ୟରେ ପାଣି ଭିତରେ ଘଣ୍ଟା ଘଣ୍ଟା ରୁହନ୍ତି। ମଡେଲ ସେନିଆ ପାଣି ଭିତରେ ଜଳ ଜୀବ ଓ ଜଳଜ ଉଦ୍ଭିଦଙ୍କ ଭିତରେ ପୋଜ୍ ଦେଇ ରୁହନ୍ତି ଓ ଓଲ୍‌ଗା ସେ ଦୃଶ୍ୟକୁ ଦେଖି ପେଣ୍ଟିଂ କରନ୍ତି। ଗୋଟିଏ ପେଣ୍ଟିଂ କରିବା ପାଇଁ ୨–୩ ଘଣ୍ଟା ସମୟ ଲାଗିଯାଏ। ଆଉ ଏହି ମାଷ୍ଟର ପିସ୍ ପେଣ୍ଟିଂ ଗୁଡିକୁ ଦେଖି ଲୋକେ ପାଣି ଭିତରର ଦୁନିଆର ସୌନ୍ଦର୍ଯ୍ୟକୁ ଉପଭୋଗ କରିପାରନ୍ତି। ତାଙ୍କ ପେଣ୍ଟିଂଗୁଡିକ ୩୦୦୦ ଡଲାରରେ ବିକ୍ରି ହୋଇଥାଏ। ଆଉ ଯଦି କେହି ଓଲ୍‌ଗାଙ୍କୁ ପାଣି ଭିତରେ ପେଣ୍ଟିଂ କରୁଥିବାର ଦେଖିବାକୁ ଚାହାନ୍ତି ତେବେ ତାଙ୍କୁ ୧୦୦ ଡଲାର ଖର୍ଚ୍ଚ କରିବାକୁ ହୁଏ।







## କାର୍ଟୁନ କର୍ନର





## କଥା ଚାଟ୍

ଓଁ ଅଭିଜ୍ଞାନ ସାହୁ

# ସମ୍ବର୍ଦ୍ଧନା ବିସମ୍ବାଦ



ଆଜି ସକାଳେ କିଛି ଲୋକ ଆମ ଘରର ଠିକଣା ଖୋଜି ଖୋଜି ପରିଶେଷରେ ମୋ ପାଖରେ ପହଁଚିଗଲେ । ଆସନ୍ତା ରବିବାର ଏକ ସାହିତ୍ୟ ଉତ୍ସବରେ ମୋତେ ସମ୍ମାନିତ କରିବା ପାଇଁ ଆଗରୁ ଯୋଗାଯୋଗ କରିଥିଲେ। କିନ୍ତୁ କୋଭିଡ କଟକଣା ଯୋଗୁଁ ଉତ୍ସବ ଉପରେ ପ୍ରତିବନ୍ଧକ ଲାଗିବା ପରେ ଅନୁଷ୍ଠାନର କିଛି କର୍ମକର୍ତ୍ତା ଉପଢୌକନ ଓ ମାନପତ୍ର ଧରି ଘରେ ହାଜର । ଏ ଅନୁଷ୍ଠାନ ବିଷୟରେ ମୁଁ ଆଗରୁ ଶୁଣି ନ ଥିଲି । କେବଳ ଫୋନ ଦ୍ୱାରା ସୂଚନା ପାଇଥିଲି । ଏହି ଅନୁଷ୍ଠାନ କାଳେ କିଛି ଦିନ ତଳେ ସଦ୍ୟ ଗଢ଼ା ଯାଇଛି । ପ୍ରତିଭା ପୂଜନ ଏମାନଙ୍କ ଲକ୍ଷ୍ୟ । ଅବସ୍ଥା ଏବେ ଏମିତି କି ସକାଳେ ଚାହା ଖଟିରେ ଚାରି ପାଞ୍ଚଜଣ ସାଙ୍ଗଙ୍କ ଚାହା ପିଆ ସରିଲା ବେଳକୁ ଏକ ନୂତନ ଅନୁଷ୍ଠାନର ଅଙ୍କୁରରୋଦଗମ ହୋଇସାରିଥିବ। ମଧ୍ୟାହ୍ନ ସୁଦ୍ଧା ସାଙ୍ଗଠନିକ ବିଭାଗ ସହ ଦାୟିତ୍ୱ ବଣ୍ଟନ ସରିଥିବ । ସନ୍ଧ୍ୟାରେ ଆପଣ ଖବର ପାଇବେ ସକାଳେ ପରିକଳ୍ପନା କରାଯାଇଥିବା ନୂତନ ସଙ୍ଗଠନର ଆସନ୍ତା ଏତେ ତାରିଖରେ ପ୍ରଥମ ଅଧିବେଶନ ଅନୁଷ୍ଠିତ ହେବା ସାଙ୍ଗକୁ ଅମୁକ ଅମୁକ ପ୍ରତିଭାମାନଙ୍କୁ ସାମ୍ମାନିତ କରାଯିବ । ପ୍ରତି ଉତ୍ସବରେ ଯଦି ଅନୁନ୍ୟ ଦଶ ଜଣ ପ୍ରତିଭା ସମ୍ମାନିତ ହେଉଥିବେ ତେବେ ଯେତିକି ଅନୁଷ୍ଠାନ ଏବେ ପ୍ରତିଭା ପୂଜନ କାମରେ ଲାଗିଛନ୍ତି ଦିନ ଆସିବ ଲଣ୍ଠନ ନେଇ ଖୋଜିଲେ ବି କେହି ଜଣେ ଅସମ୍ମାନିତ ପ୍ରତିଭା ମିଳିବେ ନାହିଁ । ଆଗକୁ ଯାହା ଲାଗୁଛି ପ୍ରତିଭା ପୂଜନ ଅନୁଷ୍ଠାନ ନିଜ ନିଜ ଭିତରେ ମାନପତ୍ର ଦିଆ ନିଆ ହେବେ। ତୁମେ ଆମ ଅନୁଷ୍ଠାନର ଲୋକଙ୍କୁ ପୁରସ୍କାର ଦିଅ ଆମେ ତୁମ ଅନୁଷ୍ଠାନର ଲୋକଙ୍କୁ ଦେବୁ । ଥରେ ରାଜ୍ୟର ଜଣେ ପ୍ରତିଷ୍ଠିତ ସାହିତ୍ୟିକଙ୍କ ସହ ଦେଖା ହୁଏ । କଥାବାର୍ତ୍ତା ଭିତରେ ମୁଁ ସଦ୍ୟ ପୁରସ୍କାର ପାଇଥିବା ଆଉ ଜଣେ ପ୍ରତିଷ୍ଠିତ ସାହିତ୍ୟିକଙ୍କ ବିଷୟରେ କହିଲା ବେଳେ ସେ ରାଗିଯାଇ ଅତ୍ୟନ୍ତ ଅଭଦ୍ରୋଚିତ ଭାଷାରେ ତାଙ୍କୁ ଗାଳି କଲେ । ମୁଁ ହଠାତ୍ କଣ ହେଲା ବୋଲି ଭାବି ଆଶ୍ଚର୍ଯ୍ୟ ହେବାରୁ ସେ କହିଲେ, 'କୁହନି ଭାଇ ସେ କଥା । ତା' ସହ ମୋର କଥାବାର୍ତ୍ତାରେ ସବୁ ଛିଣ୍ଡି ଥିଲା । ମୁଁ ତାକୁ ଆମ ଅନୁଷ୍ଠାନକୁ ଡାକି ସମ୍ବର୍ଦ୍ଧନା ଓ କୋଡିଏ ହଜାର ପୁରସ୍କାର ରାଶି ଦେବି । ବଦଳରେ ସେ ମୋତେ ତାଙ୍କ ଅନୁଷ୍ଠାନ ତରଫରୁ ସମ୍ବର୍ଦ୍ଧିତ କରିବା ସହ ସେହି କୋଡିଏ ହଜାର ୱାପସି ଦେବ। ସେ ଚାଲୁ ଲୋକକୁ ଦେଖ । ଆଗୁଆ ଆମ ଅନୁଷ୍ଠାନକୁ ଆସି ମାନପତ୍ର, ଚଦର ଓ କୋଡିଏ ହଜାର ଟଙ୍କା ନେଇଗଲା କିନ୍ତୁ ତାଙ୍କ ଅନୁଷ୍ଠାନର ପ୍ରୋଗ୍ରାମ ବେଳେ ମୋତେ ଭୁଲିଗଲା ! ଟାଉଟର୍ କଣ ଗଛରେ ଫଳନ୍ତି ! 'ମୁଁ ତାଙ୍କ କଥା ଶୁଣି ଆଶ୍ଚର୍ଯ୍ୟ । ଏହି ଅଗ୍ରଜ ସାହିତ୍ୟିକ ମହୋଦୟ କିଛିଦିନ ପୂର୍ବରୁ ଫେଶବୁକରେ ଲେଖିଥାନ୍ତି – 'ଆଜି କାଲି ନୂତନ ପିଢିର ଲେଖକମାନେ ଯେମିତି ପୁରସ୍କାର ପାଇଁ ବିକଳିଆ ହେଉଛନ୍ତି ତାକୁ ଦେଖି କଷ୍ଟ ହେଉଛି । ଏପରି ନିମ୍ନମାନର ବିକଳି ସାହିତ୍ୟିକଙ୍କ ଯୋଗୁଁ ଆମ ଓଡ଼ିଆ ସାହିତ୍ୟର ଭବିଷ୍ୟତ ଅନ୍ଧକାରମୟ । ନବପ୍ରତିଭାମାନେ ପୁରସ୍କାର ପଛରେ ନ ଧାଇଁ ସାଧନା କଲେ ପୁରସ୍କାର ଆପେ ତାଙ୍କ ପଛରେ ଦୌଡିବ।'

ସେ ଯାହାହେଉ ମୋତେ ସମ୍ମାନିତ କରିବାକୁ ଆସିଥିବା ଉଦ୍ୟୋକ୍ତା ମାନେ ଚା' ଜଳଖିଆ ସାରି ଗଲାପରେ ଆମ୍ଭ ପତ୍ନୀଙ୍କୁ ଖୁବ ଆଗ୍ରହରେ କହିଲି, ''ଦେଖିଲ ମୋତେ ଏବେ କେମିତି ସମ୍ମାନ ସବୁ ଘରେ ଆଣି ଦେଇଗଲେଣି ।' ପତ୍ନୀ ମୁହଁ ବୁଲେଇ କହିଲେ –'ଖାଲି ଛପା ମାନପତ୍ର ଓ ଗାମୁଛା ଖଣ୍ଡେ ଲେଖା ଦେଉଛନ୍ତି ନା କିଛି ମାଲ ପାଣି ବି ମିଳୁଛି ? କିଛି ନ ହେଲେ ଖଣ୍ଡେ ଭଲ ଗାମୁଛା ହେଲେ ଦିଅନ୍ତେ । ଯାହା ମିଳୁଛି ତାହା ଗାମୁଛାକୁ ବଡ଼ ଚଦରକୁ ଛୋଟ। ଉପରେ ପୁଣି ଥରେ ଧୋଇଦେଲେ ତାକୁ ନା ପିନ୍ଧି ହେବ ନା ଘୋଡେଇ ହେବ ।' ଯାହା କୁହ ସ୍ତ୍ରୀଲୋକଙ୍କ ଦୌଡ଼ ଚୁଲି ମୁଣ୍ଡକୁ । ଜଡ଼ରୁ ମଣିଷ ବନିବା ପକ୍ରିୟା ଭିତରେ ଏମାନଙ୍କ ମୁଣ୍ଡ ସେହି ଅନୁପାତରେ ବିକଶିତ ହୋଇଥିବା ମୋତେ ଲାଗେନି । କିହୋ ଏଇ ଟିକକ ସମ୍ମାନ ପାଇବା ପାଇଁ କିଏ କେତେ କଣ କରୁଛନ୍ତି ଆଉ ଯାଙ୍କୁ ଚାଦର କଥା ପଡିଛି । ହଁ ମାନୁଛି ମାନପତ୍ର ସହ କିଛି କିଛି ଅର୍ଥ ଯଦି ଦିଆ ଯାଇପାରନ୍ତା ତେବେ ଅନ୍ତତଃ ଦୁସ୍ଥ ଲେଖକମାନଙ୍କୁ ସେମାନଙ୍କ ଘରେ ଅଧିକ ଲେଖିବା ପାଇଁ ପ୍ରୋତ୍ସାହନ ମିଳନ୍ତା । କିଛି ନହେଲେ ଅନ୍ତତଃ ଦର୍ଶକଙ୍କ ଜାଣିବା ପାଇଁ ମଞ୍ଚରେ ପୁରସ୍କାର ରାଶିର ବ୍ୟାଙ୍କ ଚେକ୍ ଦେଇ ପଛେ ମଞ୍ଚ ପଛପଟେ ଫେରସ୍ତ ନେଇଯାଆନ୍ତୁ । ଅବଶ୍ୟ ଏ ସବୁ ପୁରସ୍କାର ଅର୍ଥରାଶି ପ୍ରାପ୍ତିର ରହସ୍ୟ ଆଉ ରହସ୍ୟମୟ ହୋଇ ରହିନାହିଁ । ସଭାରେ ମାନପତ୍ର ପାଇଁ ଅପେକ୍ଷାରତ ଦୁଇ ପ୍ରତିଭା ପରସ୍ପରକୁ ଦେଖି ବୋଧେ ଏଇୟା ଭାବୁଥିବେ । ଯେଉଁ ସୁଗମ ପଥ ଦେଇ ତୁମେ ଏଇଠି ମୁଁ ମଧ ସେଇ ରାସ୍ତା ଦେଇ ଆସିଛି। ଦାନ୍ତୁରୀ ହସେନି ହସିଲେ ମୁହଁ ଲୁଚେଇ ହସେ । ତେଣୁ ଏତେ ଖୁସି ହେବା ଦରକାର ନାହିଁ । ମୁଁ ପୁରସ୍କାର ନେଲା ବେଳେ ତୁମେ ଫୋଟ ନେବ ତୁମେ ନେଲା ବେଳେ ମୁଁ ତୁମ ଫୋଟ ନେବି । ପରସ୍ପରକୁ କୋଳାକୋଳି ହୋଇ ଟେକାଟେକି କରିବା କଣ ନୂଆ କଥା ହୋଇ ଅଛି !! କଥାହେଲା ପୁରସ୍କାର ବାଣ୍ଟିବା ଅନୁଷ୍ଠାନମାନଙ୍କ ସଂଖ୍ୟା ଯେଉଁଭଳି ଅହେତୁକ ଭାବେ ବୃଦ୍ଧି ପାଉଛି ଦିନ ଆସିବ ରାଜ୍ୟର ପ୍ରତ୍ୟେକ ସାହିତ୍ୟିକଙ୍କୁ ନିଶ୍ଚେ ଗୋଟିଏ କିମ୍ବା ଅଧିକ ମାନପତ୍ର ଦିଆସରିଥିବ । ଏପରିକି ଯଦି ଭବିଷ୍ୟତରେ କେହି ଜଣେ କେବଳ ସାହିତ୍ୟିକ ହେବାର ସ୍ୱପ୍ନ ଦେଖିଲା ତେବେ ତାର ଏହି ଉଲ୍ଲେଖନୀୟ ଅବଦାନ ପାଇଁ ଆଗୁଆ ମାନପତ୍ର ଖଣ୍ଡେ ମିଳିବା ଅସମ୍ଭବ ନୁହେଁ।

*–ବନମାଳୀ ଭବନ, ଖାନ ନଗର, କଟକ*
*ମୋ: ୯୪୩୭୦୧୦୭୫୮*

## ପୁସ୍ତକ ସମୀକ୍ଷା

### ସୁକଲ ସାଏ ପହରିଆ
### ସଂକଳକ ଓ ପର୍ଯ୍ୟାଲୋଚନା
### ଅବନୀ ମୋହନ ପାଣିଗ୍ରାହୀ

**ପ୍ରକାଶକ–ଲୋକଦୃଷ୍ଟି, ଖଡ଼ିଆଳ, ନୂଆପଡ଼ା**
**ମୂଲ୍ୟ–ନିଃଶୁଳ୍କ**

ସୁକଲ ସାଏ ପହରିଆ ପୁସ୍ତକର ସଂକଳନ ଓ ପର୍ଯ୍ୟାଲୋଚକ ହେଉଛନ୍ତି ଅବନୀ ମୋହନ ପାଣିଗ୍ରାହୀ । ଯିଏ ଖଡ଼ିଆଳ ଜିଲା ଲୋକଦୃଷ୍ଟି ସମ୍ପାଦକ । ପୁସ୍ତକଟି ଆନୁଷ୍ଠାନିକ ଶିକ୍ଷା ଓ ଆଦିବାସୀ ମାନ୍ୟତା ପାଇବା ପାଇଁ ଆଜୀବନ ସଂଘର୍ଷର କାହାଣୀ। ମୁଖବନ୍ଧ ଓ ଶେଷକଥାକୁ ନେଇ ଏଥିରେ ୯ଟି ବିଷୟରେ ପାଣିଗ୍ରାହୀ ଆଲୋଚନା କରିଛନ୍ତି । ସୁକଲ ସାଏ ପହରିଆଙ୍କ ପାଠପଢ଼ା ଓ ଜୀବନକୁ ନେଇ ପୁସ୍ତକରେ ବିଶେଷ ଭାବେ ବର୍ଣ୍ଣନା କରାଯାଇଛି । ଆଦିବାସୀ, ଦଳିତ ଓ ପଛୁଆ ବର୍ଗଙ୍କ ମଙ୍ଗଳ ପାଇଁ ସୁକଲଙ୍କ କାର୍ଯ୍ୟ ପ୍ରଶଂସନୀୟ। ଯାହାଙ୍କର ଆବିର୍ଭାବ ୧୯୮୧ ମାର୍ଚ୍ଚ ୧୭ ତାରିଖରେ ହୋଇଥିଲା ଓ ତିରୋଧାନ ୧୦ ଜୁନ୍ ୨୦୧୮ରେ ହୋଇଥିଲା। ପୁସ୍ତକଟି ସଂଘର୍ଷମୟ କାହାଣୀ ଉପରେ ପର୍ଯ୍ୟବସିତ। ନିଶ୍ଚୟ ଉଦାହରଣ ହୋଇ ରହିବ ।



### ମୁଁ ଶକୁନି କହୁଛି

**ଲେଖକ –ନିରଞ୍ଜନ ପରିଡ଼ା**
**ପ୍ରକାଶକ–ଦେବୀଦତ୍ତ ପରିଡ଼ା, ଭୁବନେଶ୍ୱର**
**ମୂଲ୍ୟ–୩୫୦ଟଙ୍କା**

ମୁଁ ଶକୁନି କହୁଛି ପୁସ୍ତକର ଲେଖକ ନିରଞ୍ଜନ ପରିଡ଼ା । ଏଥିରେ ମହାଭାରତ ବିଷୟରେ ବର୍ଣ୍ଣନା କରାଯାଇଛି। ଶକୁନି ଚରିତ୍ର ମହାଭାରତରେ ଏକ ବହୁ ଆଲୋଚିତ କେନ୍ଦ୍ରୀୟ ଚରିତ୍ର। ଯାହାକି ବହୁ ପ୍ରତିଭାର ସମନ୍ୱୟ ଏହାକୁ ଅସ୍ୱୀକାର କରାଯାଇ ନ ପାରେ। ମହାଭାରତର ଘଟଣା ପ୍ରବାହକୁ ସମୀକ୍ଷା କଲେ ଜଣାଯାଏ, ମହାସମରର ମୁଖ୍ୟ ସୂତ୍ରଧର ଯଦି ଦେବକୀ ନନ୍ଦନ କୃଷ୍ଣ ହୁଅନ୍ତି, ତେବେ ଦ୍ୱିତୀୟ ଚରିତ୍ରର ମାନ୍ୟତା ଗାନ୍ଧାରରାଜ ଶକୁନିଙ୍କର ପ୍ରାପ୍ୟ। ଉପଯୁକ୍ତ ସେନା ନାୟକ ବିନା ସମ୍ରାଟଙ୍କ ଦିଗ୍‌ବିଜୟ ଯେପରି ସୁଦୂର ପରାହତ, ଠିକ୍ ସେହିପରି ଶକୁନି ବିନା ମହାଭାରତ ଯୁଦ୍ଧର ଅସ୍ତିତ୍ୱ ଚିନ୍ତା କରାଯାଇ ନ ପାରେ। ସାମଗ୍ରିକ ଭାବେ ବିଚାର କରିବାକୁ ଗଲେ ପୁସ୍ତକଟି ଶୁଦ୍ରମୁନି ସାରଳା ଦାସଙ୍କ ଓଡ଼ିଆ ମହାଭାରତ କଥାବସ୍ତୁର ଏକ ସଂକ୍ଷିପ୍ତ ସାରାଂଶ । ପୁସ୍ତକଟି ପାଠକଙ୍କ ମନ ଜିଣିବ ବୋଲି ଆଶା କରାଯାଏ।




### ପ୍ରୀତି ପ୍ରମୋଦିନୀ

**ଲେଖକ–ନରେନ୍ଦ୍ର ନାଥ ଦାଶ**
**ପ୍ରକାଶକ–ଦେବସ୍ମିତା ମିଶ୍ର, ଭୁବନେଶ୍ୱର**
**ମୂଲ୍ୟ–୧୫୦ଟଙ୍କା**

କବି ନରେନ୍ଦ୍ର ନାଥ ଦାଶଙ୍କ ଗୀତି କବିତା ପୁସ୍ତକ ପ୍ରୀତି ପ୍ରମୋଦିନୀ । ଏଥିରେ ୮୯ କବିତା ସ୍ଥାନ ପାଇଛି । କବିତାରେ କବିଙ୍କ ଭାବ, ଭାବନା, ରୂପ ଓ ଆବେଗ ଏବଂ ଗଭୀର ସାଙ୍ଗିତିକ ମୂଲ୍ୟବୋଧର ସୂଚନା ଦିଏ। ଲେଖକ ଜଣେ ପ୍ରେମ ରସମୟ ଗୀତିକବି। କଳ୍ପନାରୁ ନିଃଶୃତ ତାଙ୍କ କାବ୍ୟିକ ସତ୍ତା ସତ୍ୟ ଓ ବାସ୍ତବତାକୁ ଉନ୍ମୋଚନ କରିଛି। ପୁସ୍ତକରେ ଶବ୍ଦ ସଂଯୋଜନାରେ ଆଧୁନିକତା କବିତାଗୁଡିକୁ ମହକିତ କରିଛି। ଲେଖକ କବିତା ଓ ସଙ୍ଗୀତକୁ ଏକ ସାଥିରେ ମିଶାଇ ପାଠକ ଓ ଶ୍ରୋତାଙ୍କ ମନକୁ ଆନ୍ଦୋଳିତ କରିବାରେ ପୂର୍ଣ୍ଣ ରୂପେ ସକ୍ଷମ । କବିତା ମାଧ୍ୟମରେ କବି ଅମର ସତ୍ୟ ବାସ୍ତବତାକୁ ସ୍ୱୀକାର କରିଛନ୍ତି। ପୁସ୍ତକଟି କେବଳ ଗୀତି କବିତା ସଂକଳନ ନୁହେଁ, ଏହା ଏକ ମୁଗ୍ଧ ଅନୁଭବ । ପୁସ୍ତକଟି ପାଠକୀୟ ଶ୍ରଦ୍ଧା ଲାଭ କରିବ ବୋଲି ଆଶା ରହିଛି।



# ସବୁଠୁ ଧନୀ ପିଲା

ସାଧାରଣତଃ ଛୋଟ ପିଲାଙ୍କର ସଉକ ଥାଏ ଖେଳଣାରେ ଖେଳିବା, ଭଲ ପୋଷାକ ପିନ୍ଧିବା ଅବା ସ୍ୱାଦିଷ୍ଟ ଖାଦ୍ୟ ଖାଇବା। କିନ୍ତୁ ନାଇଜେରିଆରେ ରହୁଥିବା ଏକ ନଅ ବର୍ଷର ବାଳକର ଏମିତିସବୁ ସଉକ ଅଛି ଯାହାକୁ ରଖିବା କୌଣସି ସାଧାରଣ ପିଲା ପକ୍ଷେ ସମ୍ଭବ ନୁହେଁ। କାରଣ ଏହି ବାଳକର ସଉକ ହେଉଛି ବଡ଼ ବଡ଼ ବଙ୍ଗଳାରେ ରହିବା, ଫରାରୀ ରୋଲ୍ସ ରୟସ୍ ଭଳି ଲକ୍‌ଜୁରୀୟସ୍ ଗାଡିରେ ବୁଲିବା, ବ୍ୟକ୍ତିଗତ ପ୍ଲେନ୍ କିଣିବା, ବ୍ରାଣ୍ଡେଡ ଜୋତା, ବ୍ରାଣ୍ଡେଡ ପୋଷାକ, ମହଙ୍ଗା ଘଣ୍ଟା ପିନ୍ଧିବା। ଏଭଳି ଦାମୀ ସଉକ ଥିବା ପିଲାଟିର ନାମ ହେଉଛି ମୋମ୍ଫା ଜୁନିୟର। ପୁରା ନାମ ମହମ୍ମଦ ଅୱଲ ମୁସ୍ତଫା। ମୋମ୍ଫାେକୁ ପୃଥିବୀର ସବୁଠାରୁ କମ୍ ବୟସ୍କ ଧନୀ ଭାବେ ଗଣନା କରାଯାଏ। ସେ କୋଟି କୋଟି ଟଙ୍କାର ମାଲିକ। ତେଣୁ ତା'ର ସଉକ ବି ବହୁତ ଦାମୀ। ତା'ପାଖରେ ମହଙ୍ଗା ସୁପର୍ କାର୍‌ର ଭଲ କଲେକ୍ସନ ଅଛି। ୬ ବର୍ଷ ବୟସରେ ତ ସେ ଏକ ବହୁତ ବଡ ବଙ୍ଗଳା କିଣିଥିଲା। ଆଉ ୫ ବର୍ଷ ବୟସରେ ସେ ପ୍ରଥମ ଲକ୍‌ଜୁରୀୟସ



କାର୍ ସିଲଭର୍ ବେଣ୍ଟଲୀ କିଣିଥିଲା। ସେ ନିଜର ବ୍ୟକ୍ତିଗତ ଜେଟ୍‌ରେ ଦୁନିଆ ଭ୍ରମଣ କରେ। ମୋମ୍ଫାଙ୍କ ବାପା ଇସ୍ମାଇଲିୟା ମୁସ୍ତଫା ଜଣେ ବିଲିୟନିୟର। ସେ ନାଇଜେରିଆର ଲାଗୋସ ଦ୍ୱୀପରେ ଥିବା ବଡ଼ କମ୍ପାନୀ ମୋମ୍ଫା ବ୍ୟୁରୋ ଡି ଚେଞ୍ଜ୍‌ର ମାଲିକ ଅଟନ୍ତି। ତେଣୁ ମୋମ୍ଫା ବି ଜଣେ କୋଟିପତି। ମୋମ୍ଫାର ଲକଜୁରୀୟସ୍ ଲାଇଫ୍‌ଷ୍ଟାଇଲ୍ ହିଁ ତାକୁ ପୃଥିବୀର ଅନ୍ୟ ପିଲାଙ୍କୁଠାରୁ ଭିନ୍ନ କରାଏ।

# ମହିଳାଙ୍କ ପାଇଁ ନୁହେଁ ପୁରୁଷଙ୍କ ଉଦ୍ଦିଷ୍ଟ ଥିଲା ହାଇ ହିଲ୍ସ



ସବୁ ମହିଳାଙ୍କର ପସନ୍ଦ ହାଇ ହିଲ୍ ସୁଜ। ଏହା ଷ୍ଟାଇଲିଶ୍ ଲୁକ୍ ଦେବା ସହ ହାଇ କ୍ଲାସ୍‌ର ଫିଲିଂ ବି ଦିଏ। କାହିଁ କେବେଠାରୁ ମହିଳାମାନେ ହାଇ ହିଲ୍ସ ପିନ୍ଧି ଆସୁଛନ୍ତି। ଆଉ ଏହା କେବଳ ମହିଳାଙ୍କ ପାଇଁ ଉଦ୍ଦିଷ୍ଟ ବୋଲି ସମସ୍ତେ ଜାଣନ୍ତି। କିନ୍ତୁ ଜାଣି ଆଶ୍ଚର୍ଯ୍ୟ ହେବେ ହାଇ ହିଲ୍ସର ଇତିହାସ କହେ ଏହା ପ୍ରଥମେ ପୁରୁଷଙ୍କ ପାଇଁ ଉଦ୍ଦିଷ୍ଟ ଥିଲା। ମହିଳାଙ୍କ ପାଇଁ ନୁହେଁ। ସର୍ବପ୍ରଥମେ ଯୁଦ୍ଧ ଓ ଘୋଡାଚାଳନା କରିବା ସମୟରେ ଗୋଡ ନ ଖସି ଭଲରେ ଜାବୁଡି ଧରି ରହିବା ପାଇଁ ହାଇ ହିଲ୍ ଜୋତା ପୁରୁଷଙ୍କ ପାଇଁ ତିଆରି ହୋଇଥିଲା । ଏହାର ବ୍ୟବହାର ପ୍ରଥମେ ୧୦ମ ଶତାବ୍ଦିରେ ହୋଇଥିଲା। ପର୍ସିୟା ସାମ୍ରାଜ୍ୟର ପୁରୁଷ ପ୍ରଥମେ ଏହାକୁ ଯୁଦ୍ଧ ସମୟରେ ପିନ୍ଧୁଥିଲେ। ୧୫୯୯ରେ ଯେବେ ପର୍ସିୟାର ରାଜା ଶାହ ଅବ୍ବାସ ନିଜ ରାଜଦୂତକୁ ୟୁରୋପ ପଠାଇଥିଲେ ସେତେବେଳେ ତାଙ୍କ ସହ ହାଇ ହିଲ୍ସ ୟୁରୋପରେ ପହଞ୍ଚିଥିଲା। ଏହାପରେ ପରେ ହାଇ ହିଲ୍ସ ସାରା ପୃଥିବୀରେ ବ୍ୟାପିବାକୁ ଲାଗିଲା। ଏହାକୁ ଧନୀକ ଶ୍ରେଣୀର ବ୍ୟକ୍ତି ଓ ରାଜାମାନେ ପିନ୍ଧିବାର ସଉକ ପାଳଟିଯାଇଥିଲା। ଫ୍ରାନ୍ସର ଶାସକ ଲୁଇସ୧୪ ତ ୧୦ ଇଞ୍ଚର ହାଇ ହିଲ୍ସ ପିନ୍ଧୁଥିଲେ ବୋଲି କୁହାଯାଏ। କାରଣ ତାଙ୍କର ଉଚ୍ଚତା ମାତ୍ର ୫ ଫୁଟ୍ ୪ ଇଞ୍ଚ ଥିଲା। ଏହାପରେ ୧୭୪୦ରେ ପ୍ରଥମେ ମହିଳାମାନେ ହାଇ ହିଲ୍ସ ପିନ୍ଧିବା ଆରମ୍ଭ କଲେ। ଆଉ ଧୀରେ ଧୀରେ ଏହା ଉପରେ ସମ୍ପୂର୍ଣ୍ଣଭାବେ କବ୍‌ଜା କରିନେଲେ। ୫୦ ବର୍ଷ ଭିତରେ ଏହା ପୁରୁଷଙ୍କ ପାଦରୁ ସମ୍ପୂର୍ଣ୍ଣଭାବେ ଉଭାନ ହୋଇ ମହିଳାଙ୍କର ପାଲଟିଗଲା। ସମୟ ବଦଳିବା ସହ ଏହାର ଆକାର ଓ ଡିଜାଇନ୍‌ରେ ପରିବର୍ତ୍ତନ ଆସିଛି। ଆଉ ଏବେ ଗବେଷଣା କହୁଛି ହାଇ ହିଲ୍ସ ଅଧିକ ପିନ୍ଧିଲେ ମେରୁଦଣ୍ଡ ହାଡ ଉପରେ କୁପ୍ରଭାବ ପଡିଥାଏ। ତେଣୁ ଏହାକୁ ଅଧିକ ସମୟ ବ୍ୟବହାର କରିବା ଉଚିତ ନୁହେଁ।





# ଗୋଟିଏ ବର୍ଷରେ ୨୧ ସନ୍ତାନର ଜନନୀ



ନାରୀଟିଏ ମା' ହେଲେ ହିଁ ତା' ଜୀବନରେ ପୂର୍ଣ୍ଣତା ଆସିଥାଏ ବୋଲି କୁହାଯାଏ। ତେବେ ମା' ହେବା ପାଇଁ ତାକୁ ଅନେକ କଷ୍ଟ ସହିବାକୁ ପଡିଥାଏ। ୯ରୁ ୧୦ ମାସ ପର୍ଯ୍ୟନ୍ତ ନାନା ପ୍ରକାରର ଯନ୍ତ୍ରଣା ସହି ସେ ସନ୍ତାନ ପ୍ରସବ କରିଥାଏ। କେହି କେହି ଗୋଟିଏ ସନ୍ତାନର ଜନନୀ ହୁଅନ୍ତି ତ ଆଉ କିଏ ଜାଆଁଳା ଛୁଆର ମା' ହେବାର ସୌଭାଗ୍ୟ ପାଇଥାନ୍ତି। କେହି କେହି ମହିଳା ଏକାଥରେ ଦୁଇରୁ ଊର୍ଦ୍ଧ୍ୱ ସନ୍ତାନକୁ ବି ଜନ୍ମ ଦେଇ ସମସ୍ତଙ୍କୁ ଚକିତ କରିଦିଅନ୍ତି।ତେବେ ନିକଟରେ ଜଣେ ମହିଳା ଗୋଟିଏ ବର୍ଷରେ ୨୧ଟି ସନ୍ତାନର ଜନନୀ ହୋଇ ସମସ୍ତଙ୍କୁ ହତ ଚକିତ କରିଦେଇଛନ୍ତି। ଏକଥା ଶୁଣି ଯେ କେହି କହିବେ, ଏହା କେବେ ବି ସମ୍ଭବ ହୋଇପାରେନା। ତେବେ ଏହା ସମ୍ଭବ ହୋଇଛି, ଆଉ ଏହା କେବଳ ଆଧୁନିକ ବୈଜ୍ଞାନିକ ପଦ୍ଧତି ସାହାଯ୍ୟରେ ସମ୍ଭବ ହୋଇପାରିଛି। 'ସରୋଗେସୀ' ହେଉଛି ସେହି ପଦ୍ଧତି ଯାହାକୁ ଆପଣେଇ ମହିଳା ଜଣକ ଗୋଟିଏ ବର୍ଷ ଭିତରେ ୨୧ ସନ୍ତାନର ଜନନୀ ହୋଇପାରିଛନ୍ତି। ଏହି ମହିଳାଙ୍କ ନାମ ହେଉଛି କ୍ରିଷ୍ଟିନା ଓଜତୁର୍କ। ସେ ଋଷ, ମସ୍କୋର ନିବାସୀ ଅଟନ୍ତି। ସେ ୫୭ ବର୍ଷୀୟ କୋଟିପତି ଗୈଲିପ ଓଜତୁର୍କଙ୍କୁ ବିବାହ କରିଛନ୍ତି। ଦୁହିଁଙ୍କର ଭେଟ ଜର୍ଜିଆରେ ହୋଇଥିଲା। ପରେ ଦୁହେଁ ବିବାହ କରିଥିଲେ। ବିବାହର ବର୍ଷକ ଭିତରେ ୨୪ ବର୍ଷୀୟା କ୍ରିଷ୍ଟିନା ଗୋଟିଏ ଛୁଆ ନିଜେ ଜନ୍ମ କରିବା ସହ ଅନ୍ୟ ୨୦ଟି ସନ୍ତାନ ସରୋଗେସୀ ମାଧ୍ୟମରେ ଜନ୍ମ କରାଇ ଜନନୀ ହୋଇପାରିଛନ୍ତି। ହେଲେ ଏତିକିରେ ସେ ସନ୍ତୁଷ୍ଟ ନୁହନ୍ତି। ତାଙ୍କର ଲକ୍ଷ୍ୟ ୧୦୫ ସନ୍ତାନର ଜନନୀ ହେବା। ଏହି ଦମ୍ପତି ସରୋଗେସୀରେ ଖର୍ଚ୍ଚ କରିଛନ୍ତି ୧ କୋଟି ୪୩ ଲକ୍ଷ। ବର୍ତ୍ତମାନସୁଦ୍ଧା ୬୮ ଲକ୍ଷ ଟଙ୍କା ପିଲାଙ୍କ ଦେଖାରଖାରେ ଖର୍ଚ୍ଚ କରିସାରିଲେଣି। ମାସ ପିଛା ପିଲାଙ୍କ ପାଇଁ ୪ ଲକ୍ଷ ଖର୍ଚ୍ଚ ହୋଇଥାଏ।